# ବାହାନଗା ଓ ଖଇରାରେ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ସଭା










ବାହାନଗା/ଖଇରା, ୩୦।୫(ସମିସ) :

ବାଲେଶ୍ୱର ଜିଲ୍ଲା ସୋର ନିର୍ବାଚନ ମଣ୍ଡଳୀର ବାହାନଗା ବ୍ଲକ ଚିଡ୍ଡୋଳ ପଞ୍ଚାୟତ ପୋଡାଡ଼ିଆଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନୀ ସଭାରେ ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇଥିଲେ। ଦିନ ୧୨ଟା୫ରେ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ସଭାସ୍ଥଳରେ ପହଞ୍ଚିଥିଲେ। ପରେ ସଭାରେ ଉପସ୍ଥିତ ଥିବା ଲୋକଙ୍କ ସହ ହାତ ମିଳାଇବା ସହ ତାଙ୍କର ସୁଖଦୁଃଖ ବୁଝିଥିଲେ। ସଭା ମଞ୍ଚରେ ଶ୍ରୀ ପାଣ୍ଡିଆନ ପହଞ୍ଚିବା ପରେ ବିଜେଡ଼ି ନେତା ଏବଂ କର୍ମୀ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ।

ଶ୍ରୀ ପାଣ୍ଡିଆନ ନିଜ ଅଭିଭାଷଣରେ ଜନସାଧାରଣଙ୍କୁ କହିଥିଲେ ଯେ ଆପଣମାନେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ, ଯାହାଫଳରେ ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଇଁ ଆହୁରି ଭଲ କାମ କରିବେ। ଏଥର ବିଜେଡ଼ି ସରକାର ଆସିଲେ ପ୍ରଥମେ ବିଜୁଳି ବିଲ ଛାଡ଼ ପାଇଁ ଦସ୍ତଖତ କରିବେ। ଏହାଛଡ଼ା ଯେଉଁମାନେ ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଇନାହାନ୍ତି, ସେମାନେ ବିଏସକେୱାଇ କାର୍ଡ ପାଇବେ। ଓଡ଼ିଶା ବାସୀଙ୍କର ସ୍ୱାସ୍ଥ୍ୟ ସେବା ପାଇଁ ମୁଖ୍ୟମନ୍ତ୍ରୀ ଯତ୍ନବାନ ଅଛନ୍ତି ବୋଲି କହିଥିଲେ। ଆପଣମାନେ ଘରୋଇ ସ୍କୁଲରେ ପାଠ ପଢ଼ାଇ ଖର୍ଚ୍ଚାନ୍ତ ହେଉଥିଲେ, ମୁଖ୍ୟମନ୍ତ୍ରୀ ଘରୋଇ ସ୍କୁଲ ଠାରୁ ଭଲ କରି ୫-ଟି ସ୍କୁଲ ରୂପାନ୍ତରଣ ଯୋଜନାରେ ସରକାରୀ ସ୍କୁଲକୁ ରୂପାନ୍ତରଣ ଭଲ କରିଛନ୍ତି, ଆପଣ ମାଗଣାରେ ପିଲାଙ୍କୁ ଭଲ ପାଠ ପଢ଼ାଇ ପାରିବେ। ମୁଖ୍ୟମନ୍ତ୍ରୀ ଆପଣଙ୍କୁ ସବୁବେଳେ ସାହାଯ୍ୟ କରୁଛନ୍ତି ସେଥିପାଇଁ ଆପଣଙ୍କ ମୁଣ୍ଡରେ ଥିବା ଆର୍ଥିକ ବୋଝକୁ ହାଲୁକା କରିବା ପାଇଁ ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଇଁ ଯୋଜନା କରୁଛନ୍ତି। ସେହିପରି ୬୦ ବର୍ଷ ହେଲେ ବୃଦ୍ଧ ବୃଦ୍ଧାଙ୍କୁ ଭତ୍ତା ମିଳିବ, ମିଶନ ଶକ୍ତି ମା' ମାନେ ଭତ୍ତା ପାଇବେ ବୋଲି କହିଥିଲେ। ନୂଆ ଓ ଛାତ୍ରବୃତ୍ତି ଯୋଜନାରେ ପୂର୍ବରୁ ଛାତ୍ରମାନେ ୯ ହଜାର ପାଉଥିବା ବେଳେ ଏବେ ୧୨ ହଜାର ଟଙ୍କା ପାଇବେ। ସେହିଭଳି ଛାତ୍ରୀମାନେ ୧୦ ହଜାର ପାଉଥିବା ବେଳେ ୧୪ ହଜାର ଟଙ୍କା ପାଇବେ। ପୂର୍ବରୁ ମୁଁ ବାହାନଗା ଆସିଥିବା ବେଳେ ସଲଟ ରୋଡ଼ର ଉନ୍ନତିକରଣ ପାଇଁ ଆପଣମାନେ ଦେଇଥିବା ଦାବି ମାନ୍ୟବର ମୁଖ୍ୟମନ୍ତ୍ରୀ ପୂରଣ କରିଛନ୍ତି ଏବଂ ୬୦ କୋଟି ଟଙ୍କାର ରାସ୍ତା ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ସେହିପରି ଜଳସେଚନର ସୁ ବ୍ୟବସ୍ଥା ପାଇଁ ବିଭିନ୍ନ ପ୍ରକଳ୍ପ ମଞ୍ଜୁର ହୋଇଛି ବୋଲି ପ୍ରକାଶ କରିଥିଲେ। ଶ୍ରୀ ପାଣ୍ଡିଆନ କେନ୍ଦ୍ର ଉପରେ ବର୍ଷିଥିଲେ। କେନ୍ଦ୍ରରେ ଥିବା ବିଜେପି ସରକାର କହିଥିଲେ ଆମେ ଶାସନକୁ ଆସିଲେ ଦରଦାମ କମ କରିବୁ, ଏଲପିଜି ସିଲିଣ୍ଡର ଦାମ କମ କରିବୁ, ପେଟ୍ରୋଲ ଦାମ କମ କରିବୁ, ରୋଜଗାର ଦେବୁ ବୋଲି କହିଥିଲେ ହେଲେ ଏ ସବୁ ହେଲାକି ବୋଲି ସଭାମଞ୍ଚରୁ ଲୋକଙ୍କୁ ପାଣ୍ଡିଆନ ପ୍ରଶ୍ନ କରିଥିଲେ। କିନ୍ତୁ ଓଡ଼ିଶାରେ ନବୀନ ସରକାର ଓଡ଼ିଶାବାସୀଙ୍କ ସୁଖ ଦୁଃଖ ରେ ସାମିଲ ହୋଇ ରହିଛନ୍ତି। ହେଲେ ବିଜେପି ସରକାର ଆପଣଙ୍କ ସୁଖ ଦୁଃଖ ସହ କୌଣସି ସମ୍ପର୍କ ନାହିଁ। ୫ ବର୍ଷରେ ଥରେ ଆସି କେବଳ ଭୋଟ୍ ମାଗନ୍ତି ବୋଲି କହିଥିଲେ। ଏମିତିକି ଶ୍ରୀ ପାଣ୍ଡିଆନ ସଭାମଞ୍ଚରେ ବାହାନଗା ଟ୍ରେନ ଟ୍ରାଜେଡି କଥାକୁ ମନେପକାଇ ବାହାନଗା ମାଟିକୁ ପ୍ରଣାମ କରିଥିଲେ। ବାହାନଗାବାସୀ ସେହି ଟ୍ରେନ ଟ୍ରାଜେଡି ସମୟରେ ଦେଖାଇଥିବା ମଣିଷପଣିଆ ସାରା ବିଶ୍ୱରେ ଓଡ଼ିଶାକୁ ମଣିଷ ପଣିଆପାଇଁ ନୂଆ ପରିଚୟ ଦେଇଥିଲେ, ଏଠିକାର ଯୁବପିଢି ମାନେ ମଣିଷ ପଣିଆ କଣ ସାରା ବିଶ୍ୱକୁ ଦେଖାଇଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ବାହାନଗାବାସୀଙ୍କୁ ବହୁତ ଭଲ ପାଆନ୍ତି। ଆପଣଙ୍କ ପାଖରେ ଆମେ ଚିର ଋଣୀ ହୋଇ ରହିବୁ। ବାହାନଗା ବାସୀଙ୍କ ପାଇଁ ଯାହା କାମ ଦରକାର ସବୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି। ପରେ ସୋର ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟକ ପ୍ରାର୍ଥି ମାଧବ ଧଡ଼ା ଏବଂ ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ସାଂସଦ ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମ ସାରି ୧୨.୪୦ ସମୟରେ ହେଲିକେପ୍ଟର ଯୋଗେ ଗନ୍ତବ୍ୟ ସ୍ଥଳକୁ ଫେରି ଯାଇଥିଲେ। ଏହି ନିର୍ବାଚନୀ ସଭାରେ ୩୦ ହଜାରରୁ ଉର୍ଦ୍ଧ ଲୋକଙ୍କ ସମାଗମ ହୋଇଥିବା ବେଳେ ପୋଡ଼ାଡ଼ିଆ ପଡ଼ିଆ ଜନ ସମୁଦ୍ର ହୋଇପଡ଼ିଥିଲା। କାର୍ଯ୍ୟକ୍ରମରେ ସୋର ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ନାୟକ, ବାହାନଗା ବ୍ଲକର ବିଜେଡ଼ି ନେତା ଅଶ୍ୱିନୀ ମହାପାତ୍ର, ଇଂ ଶରତ ରାଜ, ଜିଲ୍ଲାପରିଷଦ ସଭ୍ୟ ନୀଳାମ୍ବର ମହାଳିକ, ଶିଶିର କୁମାର ଅଗସ୍ତି ଙ୍କ ସହ ବହୁ ନେତା ଏବଂ କର୍ମୀ ଉପସ୍ଥିତ ହୋଇଥିଲେ।

ସେହିପରି ସିମୁଳିଆ ନିର୍ବାଚନ ମଣ୍ଡଳୀ ଖଇରା ବ୍ଲକ ଅନ୍ତର୍ଗତ ପତିରାଜପୁର ମେଳା ପଡ଼ିଆରେ ପ୍ରଚାରର ଶେଷ ଦିବସରେ ବିଜେଡିର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଓଡ଼ିଶା ବିକାଶର ସାରଥି କାର୍ତ୍ତିକ ପାଣ୍ଡିଆନ ଯୋଗ ଦେଇ ବକ୍ତବ୍ୟରେ ନବୀନ ସରକାର ୯ ତାରିଖରେ ଶପଥ ନେବେ। ତାପରର ପ୍ରଥମ ଦସ୍ତଖତ ବିଦ୍ୟୁତବିଲ ଛାଡ ହେବ। ଏବଂ ଦ୍ୱିତୀୟ ଦସ୍ତଖତ ସମସ୍ତଙ୍କ ପାଇଁ ବିଏସକେୱାଇ କାର୍ଡ ପ୍ରଦାନ ନିମିତ୍ତ ଏବଂ ତୃତୀୟ ଦସ୍ତଖତ ସ୍ୱୟଂ ସହାୟିକା ଗୋଷ୍ଠୀର ୬୦ବର୍ଷ ଅତିକ୍ରମ କରିଥିବା ମହିଳାମାନଙ୍କ ପେନସନ ପ୍ରଦାନ ନିମିତ୍ତ ହେବ। ଏଥିସହ କଲେଜରେ ପଢୁଥିବା ପିଲା ମାନଙ୍କ ମେଧାବୃତ୍ତି ରାଶି ବର୍ଦ୍ଧିତ କରାଯାଇ ବାଳକ ମାନଙ୍କ ପାଇଁ ୧୨ହଜାର ଓ ବାଳିକା ମାନଙ୍କ ପାଇଁ ୧୪ହଜାର ଟଙ୍କା ପ୍ରଦାନ କରାଯିବ। ନବୀନ ସରକାର କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି। ସିମୁଳିଆ ଉନ୍ନତି ଓ ବିକାଶ ଏବଂ ତାସହିତ ଓଡ଼ିଶାର ବିକାଶ ପାଇଁ ପୁଣି ଥରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ଦରକାର ବୋଲି ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳି ଖଇରା ବ୍ଲକ ଐତିହାସିକ ପତିରାଜପୁର ମେଳନ ପଡ଼ିଆରେ ଆୟୋଜିତ ଜନସମୁଦ୍ରକୁ ଉଦବୋଧନ ଦେବା ଅବସରରେ ସେ ଉଲ୍ଲେଖ କରିଛନ୍ତି।ଏଥିସହ ସାଂସଦ ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟିକା ପ୍ରାର୍ଥିନୀ ଭାବେ ସୁବାସିନୀ ସାହୁଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହାଦ୍ୱାରା ବର୍ତ୍ତମାନର ବିଧାୟକ ତଥା ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସମ୍ମାନ ରହିବ ବୋଲି କହିଥିଲେ। ବ୍ଲକ ସଭାପତି ବ୍ରଜ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ପ୍ରଥମେ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ମହିଳା ସଭାପତି ଜୟନ୍ତୀ ମହଲା, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଷ ପ୍ରସାଦ ମହାପାତ୍ର, ସୁଷମା ମହାପାତ୍ର, ରାଜ୍ୟ ମାନବ ସମ୍ବଳ ସଂସ୍କୃତି ବିଭାଗ ସମ୍ପାଦକ ଶଶିକୁମାର ସାହୁ ପ୍ରମୁଖ ବିଜେଡି ସରକାରର ୨୪ବର୍ଷ ବିକାଶ ବଖାଣିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଭୀଷ୍ମଚରଣ ନାୟକଙ୍କ ତରଫରୁ ରାଧାକୃଷ୍ଣ ଫଟୋ ପ୍ରଦାନ କରାଯାଇଥିଲା।















## କାର୍ଯ୍ୟରତ ସାମ୍ବାଦିକଙ୍କୁ ମାଡ଼ମାରି ମୋବାଇଲ ଛଡ଼ାଇଲେ ବିଜେପି କର୍ମୀ

ବାଲେଶ୍ୱର(ଉତ୍ତର), ୩୦।୫(ସମିସ): ଆଜି ପୁଣି ବିଜେପି ଦଳର ଅସଲମୁଖା ଖୋଲିଛି। ବିଜେପିର ନିର୍ବାଚନୀ ସଭା ଚାଲିଥିବା ବେଳେ ଜନୈକ କାର୍ଯ୍ୟରତ ସାମ୍ବାଦିକ କୁ ମାଡ଼ ମାରିବା ସହ ମୋବାଇଲ ଛଡାଇ ନେଇଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଥାନାଛକ ହେଲିପ୍ୟାଡ ପଡ଼ିଆରେ। ଆଜି ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ର ଶେଷ ଦିନ ହୋଇଥିଲା ବେଳେ ଭୋଗରାଇ ବିଜେପି ପକ୍ଷରୁ ହେଲିପ୍ୟାଡ ପଡ଼ିଆରେ ଏକ ସାଧାରଣ ସଭା ଆୟୋଜନ ହୋଇଥିଲା। ଏହି ସଭାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦବୋଧନ ଦେବାର କାର୍ଯ୍ୟକ୍ରମ ଥିଲା। ସେଥିପାଇଁ ନିର୍ଦ୍ଧାରିତ ସମୟ ପୂର୍ବାହ୍ନ୧୦ଟା ରୁ ସଭାକୁ ଲୋକ ଚାଲି ଆସିଥିଲେ। ମାତ୍ର ଦିନ ୧୨ଟା ସୁଦ୍ଧା ଶ୍ରୀମତୀ ଷଡ଼ଙ୍ଗୀ ନ ପହଞ୍ଚି ବାରୁ ଗରମ ଓ ଗୁଳଗୁଳିରେ ଲୋକେ ଅସନ୍ତୁଷ୍ଟ ହୋଇ ସଭାସ୍ଥଳ ଛାଡ଼ି ପଳାଇ ଯାଉଥିବା ବେଳେ ଜନୈକ ସାମ୍ବାଦିକ ଏହାର ଭିଜୁଆଲ ଉତ୍ତୋଳନ କରିଥିଲେ। ଏହା ଦେଖି ଉପସ୍ଥିତ ବିଜେପି କର୍ମୀ ମାନେ ଉତ୍ୟକ୍ତ ହୋଇ ସମ୍ପୃକ୍ତ ସାମ୍ବାଦିକଙ୍କୁ ଠେଙ୍ଗା ଦ୍ୱାରା ମାଡ଼ ମାରିବା ସହ ଧସ୍ତାଧସ୍ତି କରିଥିଲେ। ଏଥିରେ ସାମ୍ବାଦିକ ଜଣକ ଗୁରୁତର ଆହତ ହୋଇଥିଲେ। ସେହିପରି ସେ ଭିଡିଓ ଉତ୍ତୋଳନ କରିଥିବା ମୋବାଇଲକୁ ମଧ୍ୟ ବିଜେପି କର୍ମୀ ଛଡାଇ ନେଇଥିଲେ।

## ବିଜେପି ଛାଡ଼ି ବିଜେଡିରେ ମିଶିଲେ ୩୫ରୁ ଉର୍ଦ୍ଧ୍ୱ କର୍ମୀ




ନୀଳଗିରି, ୩୦।୫(ସମିସ):

ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀ ବାହାନଗା ବ୍ଲକ ଅଧୀନ ପଣପଣା ପଞ୍ଚାୟତର ୩୫ରୁ ଉର୍ଦ୍ଧ ବିଜେପି କର୍ମୀ ସୁକାନ୍ତ ନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ପଣପଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁନୀତା ଦାସଙ୍କ ସ୍ୱାମୀ ଭବାନୀଶଙ୍କର ଦାସଙ୍କ ନେତୃତ୍ୱରେ ୩୫ରୁ ଅଧିକ ବିଜେପିର କର୍ମୀ ଆଜି ବିଧାୟକ ସୁକାନ୍ତ ନାୟକଙ୍କ କାର୍ଯ୍ୟାଳୟରେ ସାମିଲ ହୋଇଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ଇଂ ସୁକାନ୍ତ କୁମାର ନାୟକ ଏବଂ ଏସ, ସି, ସେଲ୍ଫ ସଭାପତି ଶରତ ଦାସଙ୍କ ଉପସ୍ଥିତିରେ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଏବଂ ଜନହିତକର କାର୍ଯ୍ୟ ସହିତ ସୁକାନ୍ତ ନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା କର୍ମୀମାନେ ସୂଚନା ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସଦସ୍ୟ ହେଲେ ଦିବାକର ଦାସ, ରଣଜିତ୍ ଦାସ, ମହେଶ୍ୱର ଜେନା, ଭାସ୍କର ଜେନା, ଉପେନ୍ଦ୍ର ଜେନା, ପ୍ରଶାନ୍ତ ଘଡେଇ, ଅମିତ୍ ପ୍ରଧାନ, ସୁଶାନ୍ତ ସ, ସୁନୀଲ ପ୍ରଧାନ, ଅନନ୍ତ ମଲ୍ଲିକ, ପ୍ରଶାନ୍ତ ବେହେରା, ପୂର୍ଣଚନ୍ଦ୍ର ନାୟକ, ମୁକ୍ତିକାନ୍ତ ମହାନ୍ତି, ବିଜୟ ନାୟକ, ବିଶ୍ୱଜିତ୍ ନାୟକ, ଶତ୍ରୁଘନ ବାରିକ, ରବୀନ୍ଦ୍ର ସାହୁ, ସଞ୍ଜୟ ସାହୁ, ଅଜୟ ସାହୁ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପରେ ଉକ୍ତ ଅଞ୍ଚଳରେ ବିଜେଡିର ଶକ୍ତି ବୃଦ୍ଧି ପାଇବା ସହିତ ଆଗାମୀ ନିର୍ବାଚନରେ ଦଳ ଅଧିକ କ୍ରିୟାଶୀଳ ହେବ।

## 'ବିଜେପି ମୋ ନାଁରେ ଗୁଜବ ପ୍ରଚାର କରୁଛି'

ବାଲେଶ୍ୱର, ୩୦।୫(ସମିସ): ବାଲେଶ୍ୱର ରେମୁଣା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚଷାଖଣ୍ଡ ପଞ୍ଚାୟତର ବିଜେଡି ସଭାପତି ସୁବାଷ ଲେଙ୍କା ହେଉଛନ୍ତି ଏହି ପଞ୍ଚାୟତର ଆଗଧାଡି ନେତା। ନିର୍ବାଚନ ପରିପ୍ରେକ୍ଷୀରେ ବିଜେପି ପକ୍ଷରୁ କିଛି ଗୁଜବ ରଟନାକାରୀ ସୁବାଷ ବିଜେଡି ରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଥିବା ପ୍ରଚାର କରୁଛନ୍ତି। ଏ ସମ୍ପର୍କରେ ସୁବାଷ ଲେଙ୍କା ଆଜି ନିଜର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ବିଜେପିର କିଛି କର୍ମୀ ତାଙ୍କୁ ବଦନାମ କରିବା ପାଇଁ ଏଭଳି ହୀନ ଅପପ୍ରଚାର କରୁଛନ୍ତି। ସେ ବିଜେଡିରେ ବର୍ତ୍ତମାନ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ବିଜେଡି ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ ଓ ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନିର୍ବାଚନୀ ସଭାରେ ମଧ୍ୟ ଯୋଗ ଦେଉଛନ୍ତି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ସେ ଦଶ ବର୍ଷ ପୂର୍ବରୁ ସ୍ୱୀକାର କରି ଦଳରେ ଥାଇ ସରପଞ୍ଚ ଥିଲେ। ଏବେବି ଦଳରେ ରହିଛନ୍ତି ଏବଂ ଆଗକୁ ରହିବେ ବୋଲି ମଧ୍ୟ କହିଛନ୍ତି।

● ଏମ୍ସ ସାଟେଲାଇଟ୍ ସେଣ୍ଟର

## ଆଜି ଓ ଆସନ୍ତାକାଲି ଆସିବେ ତିନି ବରିଷ୍ଠ ଡାକ୍ତର

ବାଲେଶ୍ୱର, ୩୦।୫(ସମିସ): ବାମପଦାସ୍ଥିତ ଏମସ୍ ସାଟେଲାଇଟ୍ ସେଣ୍ଟରରେ ଓପିଡି ସେବା ସପ୍ତାହରେ ଦୁଇ ଦିନ ଚାଲୁଅଛି। ଚଳିତ ସପ୍ତାହ ଆସନ୍ତାକାଲି ୩୧ ତାରିଖ ଶୁକ୍ରବାର ଏବଂ ଜୁନ୍ ୧ ତାରିଖ ଶନିବାର ଦିନ ସାଟେଲାଇଟ୍ ସେଣ୍ଟର ଓପିଡି ସେବା ହେବ। ଏଥିପାଇଁ ଓପିଡି ସେବା ପାଇଁ ଆସୁଥିବା ବିଶେଷଜ୍ଞ ତଥା ଡାକ୍ତରଙ୍କ ତାଲିକା ଜାରି କରାଯାଇଛି। ଏଥର ଶୁକ୍ରବାର ଓ ଶନିବାର ଦିନ ସେଣ୍ଟରକୁ ୩ଟି ବିଭାଗର ବରିଷ୍ଠ ଡାକ୍ତର ଆସୁଛନ୍ତି। ସେମାନେ ହେଲେ ଜେନେରାଲ ମେଡିସିନ ବିଭାଗର ସିନିୟର୍ ରେସିଡେଣ୍ଟ ଡାକ୍ତର ଅର୍ପିତା ଦାଶ, ଅପଥାଲମୋଲୋଜି ବିଭାଗର ସିନିୟର ରେସିଡେଣ୍ଟ ଡାକ୍ତର ଶାନମୁଗସୁନ୍ଦରମ୍ ଓ ଡେଣ୍ଟିଷ୍ଟ୍ରି ବିଭାଗର ସିନିୟର୍ ରେସିଡେଣ୍ଟ ଈଶ୍ୱରିୟା ଏ। ପ୍ରକାଶ ଥାଉକି, ବାଲେଶ୍ୱର ଏମସ୍‌ରେ ସପ୍ତାହର ଦୁଇଦିନ ଶୁକ୍ରବାର ଓ ଶନିବାର ଓପିଡି ସେବା ଚାଲୁ ରହୁଛି। ଟିକଟ୍ ପଞ୍ଜୀକରଣ ପାଇଁ ସକାଳ ୮ ଘଟିକାରୁ ୧୧ ମଧ୍ୟରେ କରିପାରିବେ ଏବଂ ସକାଳ ୯ ଘଟିକାରୁ ମଧ୍ୟାହ୍ନ ୧ ଘଟିକା ପର୍ଯ୍ୟନ୍ତ ଡାକ୍ତର ତଥା ବିଶେଷଜ୍ଞ ରୋଗୀମାନଙ୍କୁ ପରାମର୍ଶ ପ୍ରଦାନ କରିବେ।

### ତୃଣମୂଳ ସ୍ତରରେ ବିଜେଡି ସଶକ୍ତ

# ସ୍ୱରୂପଙ୍କ ପାଇଁ ମଇଦାନରେ ନାରାୟଣ, ସବିତା ଓ ଆଲୋକ







ବାଲେଶ୍ୱର, ୩୦।୫(ସମିସ):

ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନୀ ପ୍ରଚାରର ଆଜି ଥିଲା ଶେଷ ଦିନ। ଶେଷ ସୁଯୋଗକୁ ବାଲେଶ୍ୱର ବିଜେଡି ହାତ ଛଡ଼ା କରିବାକୁ ଚାହିଁ ନାହିଁ। ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରାର୍ଥୀ ମଇଦାନରେ ଶେଷ ସ୍ପର୍ଶ ଦେବାକୁ ଚାହିଁଛନ୍ତି। ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ବିଧାୟକ ସ୍ୱରୂପ ଦାସଙ୍କ ପାଇଁ ଜୋର ଲଗାଇଛନ୍ତି ବିଜେଡିର ସମସ୍ତ ବରିଷ୍ଠ ନେତା। ତୃଣମୂଳ ସ୍ତରରେ ବୈଠକ କରି ବିଜେଡିର ବରିଷ୍ଠ ନେତା ଓ ନେତ୍ରୀମାନେ କର୍ମୀଙ୍କ ଉତ୍ସାହ ଭରିବା ସହ ଆଗାମୀ ନିର୍ବାଚନରେ ସ୍ୱରୂପଙ୍କୁ ବୃହତ୍ ଭୋଟ୍ ବ୍ୟବଧାନରେ ଜିତାଇବା ପାଇଁ ଜୋରଦାର ଲାଗିଛନ୍ତି। ଗତକାଲି କାର୍ତ୍ତିକ ପାଣ୍ଡିଆନ୍ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିବା ସହ ସମସ୍ତ ବରିଷ୍ଠ ନେତୃବର୍ଗଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ମ୍ୟୁନିସିପାଲଟି ଚେୟାରମେନ୍ ସବିତା ସାହୁ ଓ ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ ନିର୍ବାଚନୀ ମଇଦାନରେ ସେନାପତି ସାଜି ସ୍ୱରୂପଙ୍କ ପାଇଁ ମଙ୍ଗ ଧରିଛନ୍ତି।

ସ୍ୱରୂପଙ୍କ ପାଇଁ ପ୍ରଚାର ମଇଦାନରେ ଦମ୍ ଭରିଛନ୍ତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ। ତୃଣମୂଳ ସ୍ତରରେ ବୈଠକ କରି କର୍ମୀଙ୍କ ଉତ୍ସାହ ବଢ଼ାଇଛନ୍ତି। ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ୨୮ ଓ ୨୯ ନମ୍ବର ଜିଲ୍ଲା ପରିଷଦ ଜୋନରେ ବୈଠକ କରିବା ସହିତ ସଦର ବ୍ଲକର କଷାଫଳ, ସାର୍ଥା, ପାତ୍ରପଡ଼ା, ଆଙ୍କ, ରୁପସା ଆଦି ସ୍ଥାନରେ ବିଜେଡି କର୍ମୀଙ୍କୁ ନେଇ ବୈଠକ କରିଛନ୍ତି। ସେହିପରି ବାଲେଶ୍ୱର ମ୍ୟୁନିସିପାଲଟିର ୧୦, ୨୫, ୧୨ ଓ ୧ ନମ୍ବର ୱାର୍ଡରେ ବିଜେଡି କର୍ମୀ ବୈଠକ କରି ସ୍ୱରୂପଙ୍କୁ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ବିଜେଡି ତୃଣମୂଳ ସ୍ତରରୁ ବେଶ୍ ସଶକ୍ତ, କର୍ମୀ, ମହିଳା ଓ ଯୁବକଙ୍କ ମଧ୍ୟରେ ରହିଥିବା ଉତ୍ସାହ ଆଗାମୀ ୧ ତାରିଖ ଭୋଟିଂରେ ପ୍ରତିଫଳିତ ହେବ ବୋଲି ନାରାୟଣ କହିଛନ୍ତି।




**ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ**

ବାଲେଶ୍ୱର ମ୍ୟୁନିସିପାଲଟି ଅଧ୍ୟକ୍ଷା ସବିତା ସାହୁ ବିଭିନ୍ନ ୱାର୍ଡରେ ବିଜେଡି କର୍ମୀଙ୍କୁ ନେଇ ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ବାଲେଶ୍ୱରର ପ୍ରାର୍ଥୀ ସ୍ୱରୂପଙ୍କ ପାଇଁ ଭୋଟ୍ ମାଗିଛନ୍ତି। ପ୍ରଚାରର ଅନ୍ତିମ ଦିନରେ ମ୍ୟୁନିସିପାଲଟି ଅଧ୍ୟକ୍ଷା ସବିତା ୫ଟି ୱାର୍ଡରେ ବୈଠକ କରିଛନ୍ତି। ବାଲେଶ୍ୱର ବ୍ରିଟ୍ ଅଧ୍ୟକ୍ଷ ତଥା ପୂର୍ବତନ ମ୍ୟୁନିସିପାଲଟି ଅଧ୍ୟକ୍ଷ ଆଲୋକ ସାହୁ ମଧ୍ୟ ସ୍ୱରୂପଙ୍କ ପାଇଁ ନିର୍ବାଚନୀ ମଇଦାନରେ ଜୋରଦାର ପ୍ରଚାର ଚଳାଇଛନ୍ତି। ଆଲୋକ ୨୧ ନମ୍ବର ୱାର୍ଡରେ କର୍ମୀ ବୈଠକ କରିବା ସହିତ ଅନ୍ୟ ୱାର୍ଡରେ ବିଜେଡିର ପ୍ରଚାର ଜୋର ଦେଇଛନ୍ତି।

ବିଜେଡିର ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ ପ୍ରଚାର ଶେଷ ଦିନ ସୁଦ୍ଧା ମ୍ୟୁନିସିପାଲିଟିର ୨୮ଟି ୱାର୍ଡର ସମସ୍ତ କର୍ମୀ ବୈଠକରେ ଯୋଗ ଦେଇଥିଲେ। ବିଜେଡିର ଯୋଦ୍ଧା ବେଶ୍ ସଶକ୍ତ। ମୁଖ୍ୟମନ୍ତ୍ରୀ ବାଲେଶ୍ୱରବାସୀଙ୍କ ପାଇଁ ୧୮୦୦ କୋଟି ଟଙ୍କାର ବିକାଶମୂଳକ ପ୍ୟାକେଜ୍ ଦେଇଛନ୍ତି। ବାଲେଶ୍ୱରବାସୀ ତାଙ୍କୁ ଆଶିର୍ବାଦ କଲେ ଆଗକୁ ବାଲେଶ୍ୱରର ବିକାଶ ଶୀର୍ଷ ଛୁଇଁବ ବୋଲି କହିଛନ୍ତି। ଏହି ନିର୍ବାଚନ ବାଲେଶ୍ୱରବାସୀ ଖୋଦ୍ ଲଢ଼ୁଛନ୍ତି, ଆଗାମୀ ୧ ତାରିଖ ଶଙ୍ଖରେ ଭୋଟ୍ ବାକ୍ସ ଭରିଦେବେ ବୋଲି କହିଛନ୍ତି। ବିଜେଡିର ତଳଠୁ ଉପର ପର୍ଯ୍ୟନ୍ତ ସମସ୍ତ କର୍ମୀ ଓ ନେତାମାନେ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରି ବିଜୟକୁ ସୁନିଶ୍ଚିତ କରିବାକୁ ଲାଗିଛନ୍ତି। ଆଗାମୀ ନିର୍ବାଚନରେ ତାଙ୍କୁ ଶତ ପ୍ରତିଶତ ସଫଳତା ମିଳିବ ବୋଲି କହିଛନ୍ତି।

● ରେମୁଣା ନିର୍ବାଚନ ମଣ୍ଡଳୀ

## ବିଦ୍ୟାସ୍ମିତାଙ୍କ ପାଇଁ ପ୍ରଚାର କଲେ ସୁଧାଂଶୁ



ବାଲେଶ୍ୱର, ୩୦।୫(ସମିସ): ରେମୁଣା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ବିଦ୍ୟାସ୍ମିତା ମହାଲିକଙ୍କୁ ନେଇ ଶେଷ ଦିନରେ ନିର୍ବାଚନୀ ପ୍ରଚାର କରିଛନ୍ତି ବିଧାୟକ ସୁଧାଂଶୁ ଶେଖର ପରିଡ଼ା। ସୁଧାଂଶୁ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିଲେ। କିନ୍ତୁ ଗତକାଲି କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିବା ପରେ ବିଦ୍ୟାସ୍ମିତାଙ୍କୁ ନିସର୍ତ୍ତ ସମର୍ଥନ ଘୋଷଣା କରିଥିଲେ। ବିଜେଡି ରେମୁଣା ନିର୍ବାଚନ ମଣ୍ଡଳୀରେ ଅଧିକ ସୁଦୃଢ଼ ହେବା ସହିତ ଆଜି ରେମୁଣା ନିର୍ବାଚନ ମଣ୍ଡଳୀର ଆମ୍ଭୁଡ଼ିହା, ଆରମଳା, ଗୋବିନ୍ଦପୁର, ନୂଆପାଢ଼ି ଆଦି ସ୍ଥାନରେ ମାରାଥନ୍ ପ୍ରଚାର କରିଛନ୍ତି। ବିଦ୍ୟାସ୍ମିତାଙ୍କ ସହିତ ବିଜେଡି ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଉପସ୍ଥିତ ଥିଲେ।

## ସଦର ନିର୍ବାଚନ ମଣ୍ଡଳୀରେ ବିଜେଡିର ପଦଯାତ୍ରା



ବାଲେଶ୍ୱର, ୩୦।୫(ସମିସ): ଚଳିତ ସାଧାରଣ ନିର୍ବାଚନର ସପ୍ତମ ତଥା ଶେଷ ମତଦାନ ଦିବସ ପରିପ୍ରେକ୍ଷୀରେ ଗୁରୁବାର ବାଲେଶ୍ୱର ଜିଲ୍ଲାରେ ନିର୍ବାଚନ ପ୍ରଚାର ସମାପ୍ତ ହୋଇଛି। ଏହି ଅବସରରେ ଆଜି ଅପରାହ୍ନରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସ ଓ ଲୋକସଭା କ୍ଷେତ୍ରର ବିଜେଡି ପ୍ରାର୍ଥୀ ଡ଼. ଲେଖାଶ୍ରୀ ସାମନ୍ତ ସିଂହାର ପଦ ଯାତ୍ରାରେ ଯାଇ ସହର ପରିକ୍ରମା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଗୁରୁବାର ଅପରାହ୍ନ ତିନିଟା ସମୟରେ ସହରର ଗୋଳା ପୋଖରୀ ଛକରୁ ଶହଶହ କର୍ମୀ, କାଉନସିଲର, ୱାର୍ଡ ସଭାପତି, ପୌରପାଳିକାର ଭାଇସ ଚେୟାର ମ୍ୟାନ କୈଳାସ ସେଠୀ, କାଉନ ସିଲର ମିନା ମହାନ୍ତି, ଶେଖ ଶିବୁ, ଉତ୍ତର ଓଡ଼ିଶା ମିଡ଼ିଆ ପ୍ରଭାରୀ ଧିରେନ ନାୟକ, ପୂର୍ବତନ ଭାଇସ ଚେୟାର ମ୍ୟାନ ମନୋଜ ରାଉତ, ଶେଖ ସକିର, ଟାଉନ ସଭାପତି ସନତ ଦାସ, ବରିଷ୍ଠ ଉପସଭାପତି ରଞ୍ଜନ ବାଗ, ପ୍ରମୁଖ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଏହି ପଦ ଯାତ୍ରା ମୋତିଗଞ୍ଜ ବଜାର, ଟାଉନଥାନା ଛକ, ସିନେମା ବଜାର, ଫାଣ୍ଡି ଛକ, ଷ୍ଟେସନ ଛକ, ଆଇଟିଆଇ ଛକ, ଭୋଇସାହି, ମଠସାହି, ମାକଲପୁର ବାଟ ଦେଇ ଗୋଳା ପୋଖରୀ ଛକରେ ସମାପ୍ତ ହୋଇଥିଲା। ଏହି ଅବସରରେ ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ଓ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ସ୍ୱରୂପ ଦାସ କହିଥିଲେକି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ ଦୀର୍ଘ ତିନି ବର୍ଷ ଧରି ସଦର ନିର୍ବାଚନ ମଣ୍ଡଳୀରେ ବିକାଶ ମୂଳକ କାମ କରିଛୁ।

## ରତୁସ୍ରାବଜନିତ ଅନ୍ଧବିଶ୍ୱାସ ଓ ସ୍ୱଚ୍ଛତା' ଉପରେ ଆଲୋଚନା




ବାଲେଶ୍ୱର, ୩୦।୫(ସମିସ): ୫୦ ଜଣ ମହିଳା ଓ କିଶୋରୀଙ୍କୁ ନେଇ ବିକାଶ ସାଥୀ ପକ୍ଷରୁ କାଠପାଳ ଗ୍ରାମରେ ରତୁସ୍ରାବ ଜନିତ ଅନ୍ଧବିଶ୍ୱାସ ଓ ସ୍ୱଚ୍ଛତା ଉପରେ ଏକ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିସହିତ ସମସ୍ତ ମହିଳା ଓ କିଶୋରୀଙ୍କୁ ସାନିଟାରୀ ନାପକିନ୍ ବ୍ୟବହାର ନିମନ୍ତେ ସଚେତନ କରାଇବା ସହ ପ୍ୟାଡ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶୁଭସ୍ମିତା ପଣ୍ଡା ରତୁସ୍ରାବ ଜନିତ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି ବର୍ତ୍ତମାନ ସମୟରେ ନାରୀଙ୍କ ରତସ୍ରାବ ପ୍ରତି ଚିନ୍ତାଧାରା, ରତୁସ୍ରାବ ସମୟରେ ସ୍ୱଚ୍ଛତା, କିପରି ଏହାର ହୀନ ଚିନ୍ତାଧାରାକୁ ଅନ୍ତଃ କରାଯାଇପାରିବ ଏବଂ କେଉଁ ସମସ୍ୟା ଦେଖାଯାଏ ଏହି ସମୟରେ ଆଦି ଉପରେ ଅଧିକ ଆଲୋଚନା କରାଯାଇଥିଲା। ଏଥିସହିତ ରତୁସ୍ରାବ ଉପକାରିତା ଓ ନାପକିନ୍ ପ୍ୟାଡ୍ ବ୍ୟବହାର ବାବଦରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଏହାବ୍ୟତୀତ ଲଜ୍ୟା ଦୂରେଇବା ପାଇଁ ସମସ୍ତ ମହିଳା ଓ କିଶୋରୀ ହାତରେ ରେଡ୍ ଡଟ୍ କରି ଚ୍ୟାଲେଞ୍ଜ କରିଥିଲେ। ଏହି କାର୍ଯ୍ୟକ୍ରମରେ କରିସ୍ମା ପଣ୍ଡା ସହଯୋଗ କରିଥିଲେ। ଅସୀମା ଜେନା, ନିରୁପମା ପଣ୍ଡା, ମନସ୍ମିତା ପାଢ଼ୀ, କବିତା ପାଣିଗ୍ରାହୀ, ସୁଶାନ୍ତି ତରାଇ ଓ ମନି ମଣ୍ଡଳ ପ୍ରମୁଖ ଗ୍ରାମର କିଶୋରୀ, ବାଳିକା ଓ ମହିଳାମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




### ମଇତାପୁରରେ କଂଗ୍ରେସର ସାଧାରଣ ସଭା

## ଭଦ୍ରକ ସାଂସଦ ଓ ୭ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଲେ ରାହୁଲ ଗାନ୍ଧୀ

ସିମୁଳିଆ, ୩୦।୫(ସମିସ):




ବାଲେଶ୍ୱର ଜିଲ୍ଲା ମଇତାପୁରଠାରେ ଶେଷ ନିର୍ବାଚନ ସଭାରେ ପୂର୍ବତନ ଅଖିଳ ଭାରତୀୟ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଇଥିଲେ। ସମାଜର ଗରିବ ଖଟିଖିଆଙ୍କ ପାଇଁ ମୋଦି ସରକାର କିଛି କରି ନାହାନ୍ତି, କଂଗ୍ରେସ ସରକାର ଆସିଲେ ଚାଷୀଙ୍କର ଉନ୍ନତି ହେବ, ମହିଳା ମାନଙ୍କୁ ମାସିକ ଭତ୍ତା ଦିଆଯିବ ବୋଲି ସେ କହିଥିଲେ। ରାଜ୍ୟ ତଥା ଦେଶରେ କଂଗ୍ରେସ ସରକାର ଗଠନ କରିବା ନିମନ୍ତେ ଭଦ୍ରକ ସାଂସଦ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ସିମୁଳିଆ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ଭଦ୍ରକ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ, ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ, ବାସୁଦେବପୁର ବିଧାୟକ ପ୍ରାର୍ଥୀ ଅଶୋକ ଦାସ, ସୋର ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଧଡ଼ା, ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ଅମୀୟ ମହାପାତ୍ର ଓ ଧାମନଗର ବିଧାୟକ ପ୍ରାର୍ଥୀଙ୍କୁ ହାତ ଚିହ୍ନ ରେ ଭୋଟ ଦେଇ ବିଜୟୀ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ରାହୁଲ ଗାନ୍ଧୀ ଦିନ ୧୧:୨୪ରେ ପହଞ୍ଚିବା ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ କୁମାର ପଟ୍ଟନାୟକ, ବିଧାୟକ ତାରାପ୍ରସାଦ ବାହିନୀ ପତି, ପ୍ରଭାରୀ ଅଜୟ କୁମାର, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପ୍ରମୁଖ ସ୍ୱାଗତ କରି ସଭାମଞ୍ଚକୁ ପାଛୋଟି ନେଇଥିଲେ। ସମସ୍ତ ପ୍ରାର୍ଥୀ ମାନଙ୍କୁ କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ସଭାପତି ରାହୁଲ ଗାନ୍ଧୀ ଜନସାଧାରଣଙ୍କୁ ପରିଚିତ କରାଇ ସେମାନଙ୍କୁ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ କୁମାର ପଟ୍ଟନାୟକ ବିଭିନ୍ନ ପ୍ରସଙ୍ଗରେ ବିଜେପିକୁ ତୀବ୍ର ସମାଲୋଚନା କରିଥିଲେ। ସେହିପରି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ସାଂସଦ ଅନନ୍ତ କୁମାର ସେଠୀ, ନାରୀନେତ୍ରୀ ମଧୁମିତା ସେଠୀ, ମହିଳା କଂଗ୍ରେସ ସଭାନେତ୍ରୀ, ପ୍ରଭାରୀ ଅଜୟ କୁମାର ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ଶେଷ ପର୍ଯ୍ୟାୟ ମତଦାନ

# ଭୋଗରାଇ ଓ ସିମୁଳିଆରେ ପହଞ୍ଚିଲେ ପୋଲିଂ ପାର୍ଟି





**ବାଲେଶ୍ୱର, ୩୦।୫(ସମିସ):**

ଜୁନ ୧ତାରିଖ ଶନିବାର ସକାଳ ୭ଟାରୁ ହେବ ମତଦାନ। ଏହି ମତଦାନ ପାଇଁ ଆଜି ନିର୍ବାଚନୀ ପ୍ରଚାର ଶେଷ ହୋଇଛି। ଏହାଛଡା ନିର୍ବାଚନକୁ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତି ଶେଷ ହୋଇଛି। ଜିଲ୍ଲାରେ ଗୋଟିଏ ଲୋକସଭା ଓ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପୋଲିଂ ପାର୍ଟିମାନେ ବିଭିନ୍ନ ବୁଥକୁ ଯିବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତି ହୋଇଛନ୍ତି। ଆଜି ପ୍ରଥମ ପର୍ଯ୍ୟାୟରେ ଦୁଇଟି ନିର୍ବାଚନ ମଣ୍ଡଳୀ ଅର୍ଥାତ ଭୋଗରାଇ ଏବଂ ସିମୁଳିଆ ନିର୍ବାଚନ ମଣ୍ଡଳୀ ପାଇଁ ପୋଲିଂ ପାର୍ଟି ଗସ୍ତ କରିଛନ୍ତି।



ସୂଚନା ଅନୁସାରେ, ଭୋଗରାଇ(୩୬) ଓ ସିମୁଳିଆ(୪୨) ପାଇଁ ଆଜି ଧାର୍ଯ୍ୟ କରାଯାଇଥିବା ବେଳେ ଅନ୍ୟ ସମସ୍ତ ନିର୍ବାଚନୀ ମଣ୍ଡଳୀ ପାଇଁ ୩୧ ତାରିଖ ଧାର୍ଯ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜଳେଶ୍ୱର(୩୫) ଓ ଭୋଗରାଇ(୩୬) ପାଇଁ ସମ୍ବିତରଣ ଏବଂ ଗ୍ରହଣ କେନ୍ଦ୍ର ସରକାରୀ ଆଇଟିଆଇ ପଡ଼ିଆ ଚିହ୍ନଟ କରାଯାଇଛି। ସେହିଭଳି ବସ୍ତା(୩୭)ପାଇଁ ଖ୍ରୀଷ୍ଟିଆନ ସ୍କୁଲ ପଡ଼ିଆ, ବାଲେଶ୍ୱର(୩୮)ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ରେମୁଣା (୩୯) ପାଇଁ ଖ୍ରୀଷ୍ଟିଆନ ସ୍କୁଲ ପଡ଼ିଆ, ନୀଳଗିରି (୪୦)ପାଇଁ ନୀଳଗିରି ଡିଗ୍ରୀ କଲେଜ ପଡ଼ିଆ ଓ ସୋର(୪୧) ଏବଂ ସିମୁଳିଆ(୪୨)ପାଇଁ ରେମୁଣା ଡିଗ୍ରୀ କଲେଜ ପଡ଼ିଆ ଧାର୍ଯ୍ୟ ହୋଇଛି। ପୋଲିଂ ଅଧିକାରୀଙ୍କ ସହଜତା ପାଇଁ ୪ଟି ସଟଲ ବସ୍ ଜିଲ୍ଲାପାଳ କ୍ୟାମ୍ପସରୁ ସିନେମା ଛକ, କଣ୍ଟେଇ ଛକ, ଆଇଟିଆଇ ଛକ ଦେଇ ପୁନଶ୍ଚ ଜିଲ୍ଲାପାଳ କ୍ୟାମ୍ପସକୁ ପରିବହନ କରାଯିବାର ବ୍ୟବସ୍ଥା କରାଯାଇଛି। ସେହିଭଳି ପ୍ରତି ବ୍ଲକ ମୁଖ୍ୟାଳୟରୁ ଦୁଇଟି ନିର୍ବାଚନ ସ୍ୱତନ୍ତ୍ର ବସ୍ ପୋଲିଂ ଅଧିକାରୀଙ୍କ ପରିବହନରେ ସାହାଯ୍ୟ କରିବ ଓ ସମସ୍ତ ପୋଲିଂ ଅଧିକାରୀଙ୍କୁ ୱେଲନେସ କିଟ, ମେଡିକାଲ କିଟ ଏବଂ ଶୁଖିଲା ଖାଦ୍ୟ କିଟ ଯୋଗାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଭୋଗରାଇ ନିର୍ବାଚନ ମଣ୍ଡଳୀ ପାଇଁ୨୫୩ଟି ବୁଥ ରହିଥିବା ବେଳେ ୨ଲକ୍ଷ ୩୩ହଜାର ୭୩୨ଜଣ ଭୋଟର ରହିଛନ୍ତି। ଏହି ସମସ୍ତ ବୁଥକୁ ଆଜି ପ୍ରିଜାଇଡିଂ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ସେମାନଙ୍କର ଇଭିଏମ ମେସିନ ସହ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ନେଇ ନିଜ ବୁଥରେ ପହଁଚିଛନ୍ତି। ସେହିପରି ସିମୁଳିଆ ନିର୍ବାଚନ ମଣ୍ଡଳୀ ପାଇଁ ୨୭୦ଟି ପୁଲିଂ ବୁଥ ରହିଥିବାବେଳେ ୨ଲକ୍ଷ ୫୬ହଜାର୯୭୩ ଜଣ ଭୋଟର ରହିଛନ୍ତି। ଏହି ସମସ୍ତ ବୁଥକୁ ଆଜି ପ୍ରିଜାଇଡିଂ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ସେମାନଙ୍କର ଇଭିଏମ ମେସିନ ସହ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ନେଇ ନିଜ ବୁଥରେ ପହଁଚିଛନ୍ତି।

## ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ସରିଲା ପ୍ରଚାର

**ବାଲେଶ୍ୱର, ୩୦।୫(ସମିସ):** ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଚଳିତ ମାସ ୭ତାରିଖରୁ ନାମାଙ୍କନ ପତ୍ର ଦାଖଲ ହୋଇ ୧୪ ତାରିଖରେ ଶେଷ ହୋଇଥିଲା। ଆଉ ଏହାରି ମଧ୍ୟରେ ଆରମ୍ଭ ହୋଇଥିଲା ପ୍ରଚାର। ଆଜି ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଥିବା ବେଳେ ଗୋଟିଏ ଦିନ ବ୍ୟବଧାନ ପରେ ଜୁନ ୧ତାରିଖରେ ହେବ ମତଦାନ। ଏହି ମତଦାନକୁ ନେଇ ସମସ୍ତ ରାଜନୈତିକ ଦଳମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥିବା ବେଳେ ବିଭିନ୍ନ ଦଳରୁ ହେଭିୱେଟ ନେତାମାନେ ସେମାନଙ୍କ ପ୍ରାର୍ଥିଙ୍କ ପାଇଁ ପ୍ରଚାର କରିଛନ୍ତି। ଏପରିକି ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ, ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ କେନ୍ଦ୍ରୀୟନେତାମାନେ ସେମାନଙ୍କ ପ୍ରାର୍ଥିଙ୍କ ପାଇଁ ପ୍ରଚାର କରିଛନ୍ତି।

ଜିଲ୍ଲାର ଗୋଟିଏ ଲୋକସଭା ନିର୍ବାଚନ ମଣ୍ଡଳୀ ସମେତ ବାଲେଶ୍ୱର, ସୋର, ସିମୁଳିଆ, ଭୋଗରାଇ, ବସ୍ତା, ରେମୁଣା, ନୀଳଗିରି ଏବଂ ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସର୍ବମୋଟ ୧୮ ଲକ୍ଷ୯୨ହଜାର ୮୦୫ମତଦାତା ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ। ଯେଉଁଥିରେ ୯୬ଲକ୍ଷ ୩୨ହଜାର୧୨ଜଣ ପୁରୁଷ ଭୋଟର ଥିବା ବେଳେ ୯୨ଲକ୍ଷ୯୪ହଜାର୪୯ ମହିଳା ଭୋଟର ଅଛନ୍ତି। ଏବଂ ଅନ୍ୟାନ୍ୟ ଲିଙ୍ଗଗତ ବର୍ଗର ଭୋଟର ସଂଖ୍ୟା ୧୪୪ରହିଛି। ଜିଲ୍ଲାରେ ୨୫୯ଟି ଆଦର୍ଶ ମତଦାନ କେନ୍ଦ୍ର ନିର୍ଦ୍ଧାରଣ କରାଯାଇଛି ଯେଉଁଥିରେ ସଖୀ ମତଦାନ କେନ୍ଦ୍ର(୧୮୯), ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର (୧୬), ପରିବେଶ ଅନୁକୂଳ ମତଦାନ କେନ୍ଦ୍ର(୨୨), ଜାତିଗତ ମତଦାନ କେନ୍ଦ୍ର (୧୫), ଅନ୍ୟାନ୍ୟ ଥିମ ଆଧାରିତ ମତଦାନ କେନ୍ଦ୍ର (୧୫)ସହିତ ଜିଲ୍ଲାରେ ସର୍ବମୋଟ ୮୮୯ଟି ମିଶ୍ରିତ ବୁଥ ରହିଛି। ସୁରକ୍ଷା ଦୃଷ୍ଟିରୁ ୨୪୨ଟି ଅତି ସମ୍ବେଦନଶୀଳ ବୁଥ ସମେତ ସମସ୍ତ ମତଦାନ କେନ୍ଦ୍ରରେ୨୨ଟି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ କମ୍ପାନୀ ମୁତୟନ କରାଯିବା ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୧୫୬ଟି ବୁଥରେ ୱେବକାଷ୍ଟିଙ୍ଗ ବ୍ୟବସ୍ଥା କରାଯାଇଛି।

## ବିଭିନ୍ନ ସ୍ଥାନରେ କଂଗ୍ରେସର ନିର୍ବାଚନୀ ପ୍ରଚାର



**ନୀଳଗିରି, ୩୦।୫(ସମିସ):** ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସଂସଦୀୟ କ୍ଷେତ୍ର ବାଲେଶ୍ୱରରେ କଂଗ୍ରେସ ପକ୍ଷରୁ ଲୋକସଭା ଓ ବିଧାନସଭା ଆସନ ପ୍ରାର୍ଥୀ, ଦଳୀୟ କର୍ମକର୍ତ୍ତା, ସମର୍ଥକ ମନେ ବିଭିନ୍ନ ପଞ୍ଚାୟତ ରେ ମଟର ସାଇକେଲ ରାଲି ଏବଂ ପଥପ୍ରାନ୍ତ ସଭା ଆୟୋଜନ କରିଥିଲେ। କଂଗ୍ରେସ ଲିଡର ଆଶିଷ ପଟ୍ଟନାୟକ ଙ୍କ ନେତୃତ୍ୱରେ ଔପଦା ଏବଂ ବାହାନଗା ବ୍ଲକ ର ଭିଭିନ୍ନ ପଞ୍ଚାୟତକୁ ଯାଇ ଭୋଟ ଭିକ୍ଷା କରିଥିଲେ। ପ୍ରଥମେ ଖନ୍ତାପଡ଼ା ଏସ, ଆର, ପେଟ୍ରୋଲ ପମ୍ପ ଠାରୁ ବାହାରି ବିଭିନ୍ନ ପଞ୍ଚାୟତ ରେ ପହଞ୍ଚି ଭୋଟ ଭିକ୍ଷା କରିଥିଲେ। ଏଥିରେ କଂଗ୍ରେସ ର ନିର୍ବାଚନୀ ଇସ୍ତାହାର ଭୋଟରଙ୍କ ଠାରେ ପହଞ୍ଚାଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଖନ୍ତାପଡ଼ା ଗ୍ରା:ପ ଯୁବ କଂଗ୍ରେସ ସଭାପତି ଉମେଶ କୁମାର ଧଳ, ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ନାୟକ, ପୂର୍ବତନ ସରପଞ୍ଚ ଧର୍ମେନ୍ଦ୍ର ଲାହା, ଧନେଶ୍ୱର ନାୟକ, ସଞ୍ଜିବ ମହାପାତ୍ର, ଭବାନୀ ଶଙ୍କର ପଣ୍ଡା, ହରିଶଚନ୍ଦ୍ର ସାହୁ, ଶରତ ସ, ଅଜୟ ଶତପଥି ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ପ୍ରଚାରରେ ସାମିଲ ଥିଲେ।

## ଇଞ୍ଜୁଡ଼ି ପଞ୍ଚାୟତରେ କଳାକାରଙ୍କ ପ୍ରଚାର



**ବାଲେଶ୍ୱର, ୩୦।୫(ସମିସ):** ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ପ୍ରଚାର ଇଞ୍ଜୁଡି ପଞ୍ଚାୟତରେ କବି ଓ କଳାକାରମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ବାରିକ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବହୁତ ମାତ୍ରାରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ରେମୁଣା ସଂଯୋଜକ ଶ୍ୟାମସୁନ୍ଦର ଦାସ, ମହିଳା ସଂଯୋଜିକା ଅମିତା ପାତ୍ର, ଉପଦେଷ୍ଟା ଲାବଣ୍ୟବତୀ ବାରିକ ପ୍ରମୁଖ ବକ୍ତବ୍ୟ ରଖି ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବହୁ ମାତ୍ରାରେ ଭୋଟ ଦେଇ ଜିତାଇବାକୁ ନିବେଦନ କରିଛନ୍ତି।

## ୩୫ ନଂ. ଜୋନରେ କଂଗ୍ରେସର ନିର୍ବାଚନୀ ସଭା

**ଭୋଗରାଇ, ୩୦।୫ (ସମିସ) :** କେନ୍ଦ୍ରର ମୋଦି ସରକାର ଗଣତନ୍ତ୍ରକୁ ହତ୍ୟା କରିଛି। ଦେଶର ପବିତ୍ର ସମ୍ବିଧାନକୁ ଧ୍ୱଂସ କରିଛି। ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରି ଜନଗଣକୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଛି। ମିଥ୍ୟା ପ୍ରତିଶୃତି ଦେଇ ଜନଗଣକୁ ବିଭ୍ରାନ୍ତ କରୁଛି। ଧର୍ମକୁ ଆୟୁଧ କରି ସମଗ୍ର ଦେଶରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରୁଛି। ଏକଛତ୍ରବାଦ ରାଜନୀତିରେ ବିଶ୍ୱାସ ରଖିଥିବା ମୋଦି ସରକାରକୁ ହଟାଇବା ପାଇଁ ସଙ୍କଳ୍ପ ନେବାକୁ ହେବ ବୋଲି କଂଗ୍ରେସ ଦଳ ପକ୍ଷରୁ ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚନ୍ଦନେଶ୍ୱର ଠାରେ ଆୟୋଜିତ ୩୫ ନଂ ଜୋନ ସ୍ତରୀୟ ସାଧାରଣ ସଭାରେ ଯୋଗ ଦେଇ କଂଗ୍ରେସର ସାଂସଦ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଆହ୍ୱାନ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱର ଠାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ କଂଗ୍ରେସର ସାଧାରଣ ସଭାରେ ୩୫ ନଂ ଜୋନ ସଭାପତି ତଥା ପୂର୍ବତନ ଶଙ୍ଖାରୀ ସରପଞ୍ଚ ରାଧାବିନୋଦ ଦାସ ଅଧକ୍ଷତା କରିଥିଲେ। ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସ ଯୋଗ ଦେଇ ଭୋଟ ଦେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତଥା ୩୩ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ଓ ଭୋଗରାଇ କଂଗ୍ରେସ ନିର୍ବାଚନ କମିଟି ଅଧକ୍ଷ ସନ୍ତୋଷ କୁମାର ଜେନା, ପସରବିନ୍ଧା ସରପଞ୍ଚ ତଥା ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁମନ୍ତ କୁମାର ବେହେରା, ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦୀପକ କୁମାର ଜେନା, ପୂର୍ବତନ ଶଙ୍ଖାରୀ ପଞ୍ଚାୟତ ସମିତି ସଦସ୍ୟ ତଥା ଆଇନଜୀବୀ ଅବଧୂତ ଜେନା, ଦଳିତ ନେତା ଭୋଳାନାଥ ବେହେରା, ଜିଲ୍ଲା କଂଗ୍ରେସ ଉପ ସଭାପତି ଗୋପବନ୍ଧୁ ମହାପାତ୍ର, ପୂର୍ବତନ ଟୁଙ୍କୁରିହାଜିରା ପଞ୍ଚାୟତ ସମିତି ସଦସ୍ୟ ରାଧାଶ୍ୟାମ ଜେନା, ଯୁବ ନେତା ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ଦୀପେଶ ଚନ୍ଦ୍ର ରାୟ, ୩୪ ନଂ ଜୋନ ସଭାପତି ତଥା ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳେଇ, ବରିଷ୍ଠ ନେତା ସୁଦର୍ଶନ ଜେନା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

## ୫ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ମତଦାତା

**ଚନ୍ଦନେଶ୍ୱର, ୩୦।୫(ସମିସ) :** ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ମତଦାନ ଜୁନ ୧ ଅର୍ଥାତ୍ ଶନିବାର ଅନୁଷ୍ଠିତ ହେବ। ତେବେ ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଗୁରୁବାର ପ୍ରଚାର ଶେଷ ହୋଇଛି। ଭୋଗରାଇ ବିଧାୟକ ପାଇଁ ବିଜେଡିରୁ ଗୌତମବୁଦ୍ଧ ଦାସ, କଂଗ୍ରେସରୁ ସତ୍ୟଶିବ ଦାସ, ବିଜେପିରୁ ଆଶିଷ ପାତ୍ର, ନବଭାରତ ନିର୍ମାଣ ସେବା ସଙ୍ଘରୁ ଭଗବାନ ବେହେରା, ସ୍ୱାଧୀନ ପ୍ରାର୍ଥୀ ଅସିତ ଚାନ୍ଦଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଭୋଗରାଇ ନିର୍ବାଚନ ମଣ୍ଡଳୀରେ ବିଜେଡି, ବିଜେପି ଓ କଂଗ୍ରେସ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହୋଇପାରେ। ତେବେ ୧୮ହଜାରରୁ ଅଧିକ ସଂଖ୍ୟାଲଘୁ ଭୋଟ ଉପରେ ସମସ୍ତଙ୍କ ଅଧିକ ନଜର ରହିଛି। ଏଥର କେତେ ଭୋଟ ବ୍ୟବଧାନରେ କିଏ ଜିତିବ ୪ ତାରିଖରେ ଜଣାପଡ଼ିବ। ବିଜେଡି ଗଡ଼ କୁହାଯାଉଥିବା ଭୋଗରାଇରେ ୨୦୦୯ରେ ୧ଲକ୍ଷ ୫୮୭ ଭୋଟ ପୋଲିଂ ହୋଇଥିବା ବେଳେ କଂଗ୍ରେସର ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କଠାରୁ ବିଜେଡିର ଅନନ୍ତ ଦାସ ୧୭ହଜାର ୮୧ ଭୋଟରେ ବିଜୟୀ ହୋଇଥିଲେ। ଡ. କାର୍ତ୍ତିକେଶ୍ୱକର ପାତ୍ର ୫୫ହଜାର ୨୫୩ ଭୋଟ ପାଇଥିଲେ। ୨୦୧୪ରେ ୧ଲକ୍ଷ ୨ହଜାର ୯୦୩ ଜଣ ମତଦାନ କରିଥିବାବେଳେ କଂଗ୍ରେସର ସତ୍ୟଶିବ ଦାସଙ୍କୁ ୫୭ହଜାର ୨୪୯ ଓ ବିଜେଡିର ଅନନ୍ତ ଦାସଙ୍କୁ ୭୬ହଜାର ୨୬୧ ଖଣ୍ଡ ଭୋଟ ମିଳିଥିଲା। ଅନନ୍ତ ଦାସ ୧୯ହଜାର ୫୯୨ଟି ରୋଟରେ ବିଜୟୀ ହୋଇଥିଲେ। ସେହିଭଳି ୨୦୧୯ରେ ୨ଲକ୍ଷ ୨୫ହଜାର ୩୫ ମତଦାନ ହୋଇଥିବା ବେଳେ ବିଜେଡିରୁ ଅନନ୍ତ ଦାସ ୭୬ ହଜାର ୭୯୨ ଓ କଂଗ୍ରେସର ସତ୍ୟଶିବ ଦାସ ୫୯ହଜାର ୯୨୧ ଏବଂ ବିଜେପିର ଅଂଶୁମାନ ମହାନ୍ତି ୨୫ହଜାର ୪୭୪ ଖଣ୍ଡ ଭୋଟ ପାଇଥିଲେ। ଶେଷ ଥର ଭୋଟ ବ୍ୟବଧାନ ଥିଲା ୧୬ହଜାର ୮୭୫ ଖଣ୍ଡ। ତେବେ ଏଥର କେତେ ଭୋଟ ବ୍ୟବଧାନରେ କେଉଁ ପ୍ରାର୍ଥୀ ଜିତିବ ଜାଣିବାକୁ ବାକି ରହିଛି। ମତଦାନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ରାଜ୍ୟ ପୋଲିସ ବ୍ୟତୀତ ୧୨୫ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯାଇଛି। ସମସ୍ତ ମତଦାନ କେନ୍ଦ୍ରରେ ଶନିବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ।

## ଶେଷ ଦିନରେ ସୁବାସିନୀଙ୍କ ମାରାଥନ ପ୍ରଚାର



**ବାଲିଆପାଳ, ୩୦।୫(ସମିସ):** ନିର୍ବାଚନକୁ ଆଉ ଗୋଟିଏ ଦିନ ବାକି ଥିବା ବେଳେ ଆଜି ପ୍ରଚାରର ଶେଷ ଦିନରେ ଭୋଟର ମାନଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ପ୍ରାର୍ଥୀମାନେ ସେମାନଙ୍କର ପ୍ରଚାର ଜୋରଦାର କରିଛନ୍ତି। ବସ୍ତା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀ ସୁବାସିନୀ ଜେନା ଏବଂ ତାଙ୍କ ସ୍ୱାମୀ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର ଜେନା ଆଜି ପ୍ରଚାର ଶେଷ ଦିନରେ ବିଭିନ୍ ପଞ୍ଚାୟତ ଗସ୍ତ କରି ମାରାଥନ ପ୍ରଚାର କରିବା ସହ ଭୋଟରଙ୍କୁ ଭୋଟ ଭିକ୍ଷା କରିଛନ୍ତି। ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି, ମଧୁପୁରା, ଦେଉଳା, କୁମ୍ଭାରୀ, ବୋଙ୍ଗ ପ୍ରଭୃତି ପଞ୍ଚାୟତରେ ଅନୁଷ୍ଠିତ ସଭାରେ ଶ୍ରୀମତୀ ଜେନା ଉଦବୋଧନ ଦେଇ ବାଲିଆପାଳ ଓ ବସ୍ତାର ବିକାଶ ପାଇଁ ସେ ସଦା ସର୍ବଦା ଲୋକଙ୍କ ସହ ରହି କାର୍ଯ୍ୟ କରିବେ। ଜୀବନ ଶେଷ ସମୟ ପର୍ଯ୍ୟନ୍ତ ଲୋକ ସେବାରେ ନିଜକୁ ଉତ୍ସର୍ଗ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ସେହିପରି ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ବାଲିଆପାଳରେ ସ୍ପିନିଂମିଲର ପୁନରୁଦ୍ଧାର, ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା, ବସ୍ତା ବାଲିଆପାଳର ଶୀତଳ ଭଣ୍ଡାର, ଶିଳ୍ପର ବିକାଶ ପ୍ରଭୃତି ଉପରେ ଗୁରୁତ୍ୱାରୋପ କରିବା ସହ ବସ୍ତା ଓ ବାଲିଆପାଳ ବିକାଶର ସ୍ୱର୍ଣ୍ଣିମ ଫର୍ଦ୍ଦ ରଚିବ ବୋଲି ପ୍ରତିଶୃତି ଦେବ ସହ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଶଙ୍ଖରେ ଭୋଟ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଆଜିର ଏହି ପ୍ରଚାରରେ ଦଳର ବହୁ ନେତୃବୃନ୍ଦ ଓ କର୍ମୀ ସାମିଲ ହୋଇଥିଲେ।

# ଆତଙ୍କ ଖେଳାଇଲେ ୪୬ ଦଲମା ହାତୀ

**ନୀଳଗିରି, ୩୦।୫ (ସମିସ):**



ବାଲେଶ୍ୱର ଜିଲ୍ଲା ନୀଳଗିରିକୁ ଗୁରୁବାର ସକାଳେ ୪୬ଟି ଝାଡଖଣ୍ଡ ଦଲମା ଜଙ୍ଗଲ ହାତୀ ପଶି ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୧୨ରୁ ଅଧିକ ଦନ୍ତା ହାତୀ ଥିବା ବେଳେ ୭ରୁ ଅଧିକ ଛୁଆ ହାତୀ ଅଛନ୍ତି ବୋଲି ନୀଳଗିରି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ହାତୀପଲ ସବୁ ନୀଳଗିରି ବନଖଣ୍ଡ ଅଧୀନ ଗୋପାଳପୁର ଜଙ୍ଗଲ ଭିତରେ ଲୁଚି ରହିଛନ୍ତି। କିଛି ହାତୀ ଜଙ୍ଗଲ ବାହାରକୁ ଆସି ଉପଦ୍ରବ କରୁଥିବାର ଦେଖିବାକୁ ମିଳିଛି। ନୀଳଗିରି ବନବିଭାଗ ସେମାନଙ୍କୁ ଘଉଡାଇବା ଆରମ୍ଭ କରିଥିବାବେଳେ ମାଇକ ଯୋଗେ ଘରେ ଧାନ, ଚାଉଳ ହାଣ୍ଡିଆ, ମହୁଲ ଆଦି ନ ରଖିବାକୁ ବାରଣ କରାଯାଇଛି। ହାତୀ ସମ୍ପର୍କରେ ଖବର ପାଇଲେ ନିକଟସ୍ଥ ବନ କର୍ମଚାରୀଙ୍କୁ ଖବର ଦେବାକୁ ନିବେଦନ କରାଯାଇଛି। ନୀଳଗିରିକୁ କ୍ରମାଗତ ଭାବେ ଗତ କିଛି ବର୍ଷ ହେବ ଶତାଧିକ ଝାଡ଼ଖଣ୍ଡୀ ହାତୀ ଖରିଫ ଧାନ ଅମଳ ପୂର୍ବରୁ ଏବଂ ଅମଳ ପରେ ଆସି ବହୁ ଧନ ଜୀବନ କ୍ଷୟ କ୍ଷତି ଘଟାଇ ଚାଲି ଯାଇଥାନ୍ତି। ଏବେ ହାତୀ ପଶିବା ଘଟଣା ଅଞ୍ଚଳ ବାସୀଙ୍କ ମନରେ ଭୟ ସଞ୍ଚାର କରିଛି। ବିଶେଷ କରି ଘରେ ଥିବା ବିଭିନ୍ନ ଆସବାବପତ୍ର ସହିତ ଧନ ଜୀବନ କ୍ଷୟକ୍ଷତି ହେବାର ଯଥେଷ୍ଟ ଆଶଙ୍କା ଦେଖାଦେଇଛି। ଉକ୍ତ ହାତୀପଲ ଝାଡ଼ଖଣ୍ଡର ଦଲମା ଅଭୟାରଣ୍ୟରୁ ବାହାରି ମୟୂରଭଞ୍ଜ ଜିଲା ଦେଇ ନୀଳଗିରିକୁ ପଶିଛନ୍ତି।

## ତୁରୁମୁଙ୍ଗା ଥାନା ଅଞ୍ଚଳରେ ୨ ଜଣଙ୍କ ଅପମୃତ୍ୟୁ

**ତୁରୁମୁଙ୍ଗା,୩୦।୫(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ପୁଟୁଗାଁ ଗ୍ରାମର କରୁଣାକର ମହାନ୍ତଙ୍କ ପତ୍ନୀ ପିଙ୍କି ମହାନ୍ତ (୨୮)ଙ୍କୁ ବୁଧବାର ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଦୁଇଦିନ ପୂର୍ବରୁ ପିଙ୍କିଙ୍କ ଦେହ ଅସୁସ୍ଥ ଥିଲା। ଡାକ୍ତର ପରାମର୍ଶ କରି ଘରେ ଔଷଧ ଖାଉଥିଲେ। ବୁଧବାର ରାତିରେ ହଠାତ ଦେହ ଖରାପ ହେବାରୁ ପରିବାର ଲୋକେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ପିଙ୍କିଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତୁରୁମୁଙ୍ଗା ଥାନା ଏସ୍ଆଇ ତାପସ କୁମାର ଦାସ ଗୁରୁବାର କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୧୫/୨୪ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନୁରୂପ ଭାବରେ କିଆପଡ଼ା ଗ୍ରାମର ବିପିନ ନାଏକଙ୍କ ପୁଅ ଫୁଟୁସ ମହାନ୍ତ(୨୪)ଙ୍କୁ ମଧ୍ୟ ଗୁରୁବାର ସକାଳୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଫୁଟୁସ ଦୁଇ ଦିନ ହେବ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଗୁରୁବାର ସକାଳୁ ହଠାତ ଗୁରୁତର ହେବାରୁ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଫୁଟୁସଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ଥାନା ଏସ୍ଆଇ ତାପସ କୁମାର ଦାସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ୧୬/୨୪ରେ ଏକ ମାମଲା ରୁଜୁ ହୋଇଛି।

● ଘମାଘୋଟ ଲଢ଼େଇ ପରେ ହାର୍‌ଜିତକୁ ନେଇ ଚର୍ଚ୍ଚା

## ବ୍ୟବଧାନକୁ ନେଇ ଚାଲିଛି ଅଙ୍କକଷା

**ହାଟଡ଼ିହୀ,୩୦।୫(ସମିସ):** ଆନନ୍ଦପୁର ନିର୍ବାଚନ କ୍ଷେତ୍ରରେ ନିର୍ବାଚନର ଘମାଘଟ ଲଢ଼େଇ ପରେ ଏବେ କେଉଁ ପ୍ରାର୍ଥୀଙ୍କ ଭାଗ୍ୟ ଫିଟିବ ଆଉ କିଏ ବିଧାୟକ ହେବେ ତାହା ଆକଳନ କରିବା ମୁସ୍କିଲ ହୋଇପଡ଼ିଛି। ତେବେ ପ୍ରାର୍ଥୀଙ୍କ ଅପେକ୍ଷା କର୍ମୀମାନେ ଭୋଟ ଗଣନା ପୂର୍ବରୁ ନିଜ ପ୍ରାର୍ଥୀଙ୍କ ବିଜୟକୁ ନେଇ ନିଜ ନିଜ ମଧ୍ୟରେ ବାଜି ଲଗାଇବାରେ ମଧ୍ୟ ପଛଘୁଞ୍ଚା ଦେଉନଥିବାରୁ ଭୋଟରମାନେ କାହା ମୁଣ୍ଡରେ ବିଜୟର ତିଳକ ଲଗାଇଛନ୍ତି ତାହା ୪ ତାରିଖରେ ଜଣାପଡ଼ିବ। ଶାସକ ଦଳ ବିଜେଡିରୁ ଅଭିମନ୍ୟୁ ସେଠୀ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସରୁ ପୂର୍ବତନ ପିସିସି ମୁଖିଆ ଜୟଦେବ ଜେନା ଓ ବିଜେପିରୁ ଆଲୋକ ସେଠୀ ନିର୍ବାଚନ ଲଢୁଥିଲେ। ଇଭିଏମ୍ ଭିତରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଯିବା ପରେ ଏବେ ଆକଳନ କରିବା ନିହାତି କଷ୍ଟସାଧ ହୋଇପଡ଼ିଛି। କାହାକୁ କେତେ ଭୋଟ ମିଳିବ, ସେନେଇ ଦଳୀୟ କର୍ମୀମାନେ ଖାତାକଲମ ଧରି ହିସାବରେ ଲାଗିପଡ଼ିଛନ୍ତି। ତିନିଦଳର ସମର୍ଥକ ଓ କର୍ମୀମାନେ ନିଜର ଜିତାପଟ ନେଇ ଚା'ଖଟି ଠାରୁ ଆରମ୍ଭ କରି ବଜାରଘାଟ ସବୁଠି ବାଜି ମାରି ରାଜନୈତିକ ପାଣିପାଗରେ ଆହୁରି ଉଷ୍ମତା ଭରି ଦେଉଛନ୍ତି। ତେବେ ଆନନ୍ଦପୁର ନିର୍ବାଚନୀ କ୍ଷେତ୍ରରେ ଉଭୟ ଲୋକସଭା ଓ ବିଧାନସଭା ଆସନରେ ଲଢୁଥିବା ୩ ଗୋଟି ପ୍ରମୁଖ ଦଳ ପକ୍ଷରୁ କଡ଼ା ଟକ୍କର ହୋଇଥିବାରୁ ହାର୍‌ଜିତର ବ୍ୟବଧାନ ବହୁତ କମ୍ ରହିବା ନେଇ ସମ୍ଭାବନା ଦେଖାଦେଇଛି।

## ବାଲ୍ ଆଖଡ଼ା କାର୍ଯ୍ୟକ୍ରମ



**ଚମ୍ପୁଆ,୩୦।୫(ସମିସ):** ଚମ୍ପୁଆ ବ୍ଲକର ରଜିଆ ପଞ୍ଚାୟତର ଟୁଙ୍ଗୁଲେଇ ସାହି ଠାରେ ବାଲ ଆଖଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁନି କୁନି ଶିଶୁ ମାନଙ୍କର ପ୍ରତିଭା ବିକାଶର ଲକ୍ଷ୍ୟ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କମଳମତି ବାଳକ ବାଳିକା ଯୋଗ ଦେଇଥିଲେ। ଟାଟାଷ୍ଟିଲ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ନାଏକ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ୱାର୍ଡମେମ୍ବର ପଦ୍ମିନୀ ନାଏକ, ଫେଲସିପ ମେମ୍ବର, ଯତିନ ମହାନ୍ତ, ସିଆର୍‌ପି ପ୍ରଜଳିପି ମହାନ୍ତ ଓ ଶିକ୍ଷକ ରବିନ ମହାନ୍ତ ପ୍ରମୁଖ ଯୋଗ ଦେଇ ଏହି କୋମଳମତି ଶିଶୁମାନଙ୍କ ମଧ୍ୟରେ ନାଚ, ଗୀତ, ଗପ, ଯୋଗ, ଚିତ୍ରାଙ୍କନ, ଗଣିତ ଲିଖନ ଏବଂ ଇଂରାଜୀ ଶିକ୍ଷା ଉପରେ ପ୍ରତିଯୋଗୀତା କରାଯାଇଥିଲା। ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା।

## ସାପ କାମୁଡ଼ାରେ ବୃଦ୍ଧ ମୃତ

**ତେଲକୋଇ, ୩୦।୫ (ସମିସ):** ତେଲକୋଇ ଥାନା ଖୁଣ୍ଟାପଡ଼ା ପଞ୍ଚାୟତ କନ୍ତଲେଇ ଗ୍ରାମ ମୁଣ୍ଡାସାହିରେ ଜଣେ ବୃଦ୍ଧଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ମୃତକ ହେଲେ ପାଗଳ ମୁଣ୍ଡା(୭୦)। ତେବେ ପାଗଳ ଆଜି ସକାଳେ ଘର ଅଗଣାରେ ଶୌଚ କରୁଥିବା ବେଳେ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସଙ୍ଗେ ସଙ୍ଗେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ଖବର ପାଇ ତେଲକୋଇ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ରାଇସ୍ ମିଲ୍ ବିଷାକ୍ତ ପାଣି ପିଇ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟଣା

# ତଦନ୍ତ ଆରମ୍ଭ କଲେ ପ୍ରଦୂଷଣ ବୋର୍ଡ

ତୁରୁମୁଙ୍ଗା,୩୦।୫(ସମିସ)





କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କୁଆପଶି ଗ୍ରାମରେ ଥିବା ନାରାୟଣୀ ରାଇସ ମିଲ୍‌ରୁ ବାହାରୁ ଥିବା ବର୍ଜ୍ୟବସ୍ତୁର ପଚା ଦୁର୍ଗନ୍ଧ ବାସ୍ନାରେ ଗ୍ରାମବାସୀ ଅତିଷ୍ଠ ହେବା ସହ ବିଷାକ୍ତ ପାଣି ପିଇ ଗ୍ରାମର ଗୃହପାଳିତ ପଶୁ ଓ ପୋଖରୀରେ ମାଛ ମରିବା ଓ ବଗିଚାରେ କାଜୁ ଗଛ ମରିଯାଇଥିବା ଅଭିଯୋଗ ଖବର ପ୍ରକାଶ ପରେ ଆରମ୍ଭ ହୋଇଛି ତଦନ୍ତ। ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ବୈଜ୍ଞାନିକ ଇପସି ଗିରି ନିଜ ଟିମ୍ ସହ ପହଞ୍ଚି ରାଇସ ମିଲ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏଥିପାଇଁ ବର୍ଜ୍ୟପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ କେନ୍ଦୁଝର ନେଇଛନ୍ତି। ଅନ୍ୟପଟେ ଗ୍ରାମବାସୀ ମିଲ୍ ମାଲିକ ଗ୍ରାମର ସରକାରୀ ଗୋଚର ଜମିକୁ ନିଜ ଅକ୍ତିଆରକୁ ନେଇ ପୋଖରୀ ଖୋଳୁଥିବା ଅଭିଯୋଗ ଆଣିବା ସହ ଦାବି ଗୁଡିକୁ ରାଇସ ମିଲ କର୍ତ୍ତୃପକ୍ଷ ପୂରଣ ନ କଲେ ମିଲର ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ସ୍ଥାନୀୟ ୱାର୍ଡମେମ୍ବର ଟନୁରାମ ମହାନ୍ତ, କ୍ଷତିଗ୍ରସ୍ତ ଚାଷୀ ଡୁରା ମହାନ୍ତ, ଲତା ନାଏକ, ସୋମବାରୀ ମୁଦି ପ୍ରମୁଖ ଚେତାବନୀ ଦେଇ ମିଲ୍ ସମ୍ମୁଖରେ ଧାରଣା ଦେଇଥିଲେ। ୮ ଦିନ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ମିଲ୍ ମ୍ୟାନେଜିଂ ଡାଇରେକ୍ଟର ଲୋକେଶ ବଂଶଲ ପ୍ରତିଶ୍ରୁତି ଦେବା ପରେ ଗ୍ରାମବସୀ ଆନ୍ଦୋଳନରୁ ଓହରିଥିଲେ।

**ବର୍ଜ୍ୟ ପାଣି ନମୁନା ସଂଗ୍ରହ**



## ପୋତି ହୋଇପଡ଼ିଛି ବନ୍ଧ; ଚାଷୀଙ୍କ ବଢୁଛି ଚିନ୍ତା

**ଚମ୍ପୁଆ,୩୦।୫(ସମିସ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଞ୍ଚାୟତର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବା ବଣବେଡା ବନ୍ଧ ଦୀର୍ଘ ଦିନ ଧରି ପନରୁଦ୍ଧାର ହୋଇପାରି ନାହିଁ। ଜଙ୍ଗଲ ମଧ୍ୟରୁ ବୋହି ଆସୁଥିବା ପାଣି ସହ ମାଟି ଏହି ବନ୍ଧର ସ୍ଥିତି ହଜାଇ ଦେଇଥିବା ବେଳେ ବର୍ଷ ସାରା ଏହି ବନ୍ଧ ସୁଖିଲା ପଡିରହିଛି। ପ୍ରାୟ ୧୦ ଏକର ପରିସୀମା ବିଶିଷ୍ଟ ଏହି ବନ୍ଧଟି ଦିନକୁ ଦିନ ପୋତି ହୋଇପଡିବାରୁ ଏଠାରେ ବର୍ଷା ଜଳ ସଂରକ୍ଷଣ ହୋଇପାରୁନାହିଁ। ଏହି ବନ୍ଧ ଉପରେ ରଜିଆ ପଞ୍ଚାୟତର ମହେଶ୍ୱରପୁର, କଇଁତା, କଞ୍ଚନପୁର, ଦୋଳିତା ଆଦି ଗ୍ରାମର ହଜାର ହଜାର ହେକ୍ଟର ଚାଷ ଜମି ନିର୍ଭର କରୁଥିଲେ ହେଁ ଚାଷୀମାନେ ବନ୍ଧ ପାଣି ପାଇବାରୁ ବଞ୍ଚିତ ହୋଇ ବର୍ଷା ଉପରେ ନିର୍ଭର କରି ଚାଷ କାର୍ଯ୍ୟ ଉଠାଉଥିବା ଅଭିଯୋଗ କରିଛନ୍ତି। ଉର୍ବର ଉନ୍ନତମାନର ଚାଷ ଜମି ରହିଥିଲେ ମଧ୍ୟ ଜଳ ଅଭାବରୁ ଚାଷୀ ମାନେ ବାଧ୍ୟ ହୋଇ ଦୋଫସଲୀ ପରିବର୍ତ୍ତେ ଏକ ଫସଲୀ କରିବା ପାଇଁ ବାଧ୍ୟ ହେଉଛନ୍ତି। ପ୍ରାୟ ୧ ବର୍ଷ ତଳେ ଚାଷୀଙ୍କ ଅଭିଯୋଗକୁ ଭିତ୍ତି କରି ବିଭାଗୀୟ ଅଧିକାରୀମାନେ ଉକ୍ତ ସ୍ଥାନ ପରିଦର୍ଶନ କରିବା ସହିତ ବନ୍ଧର ପୁନରୁଦ୍ଧାର ସହିତ କେନାଲ ଗୁଡିକ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଏହି ବଣବେଡ଼ା ବନ୍ଧରୁ ୨ ଗୋଟି କେନାଲ ବ୍ୟବସ୍ଥା ରହିଥିବା ବେଳେ ଗୋଟିଏ କେନାଲ ରଜିଆ ଓ ଦୋଳିତା ଅଞ୍ଚଳକୁ ଯାଇଥିବା ବେଳେ ଅନ୍ୟ ଏକ କେନାଲ ନଟବନ୍ଧରେ ସଂଯୋଗ ହୋଇଛି। ଏହି ନଟ ବନ୍ଧର ପାଣି ମହେଶ୍ୱରପୁର, କଇଁତା, କଞ୍ଚନପୁର ଓ ଶଶାଙ୍ଗ ଆଦି ଅଞ୍ଚଳରେ ଚାଷ ଜମିକୁ ମାଡିଥାଏ। ମାତ୍ର ସ୍ଥାନୀୟ ପାଣି ପଞ୍ଚାୟତର ସଭ୍ୟଙ୍କ କହିବା ଅନୁସାରେ ଦୀର୍ଘ ୪୦ ବର୍ଷ ହେବ ଏହାର ପୁନରୁଦ୍ଧାର ବା କେନାଲ ମରାମତି କାର୍ଯ୍ୟ କରାଯାଉ ନାହିଁ। ଫଳରେ ଚାଷୀ ଚାଷ ପାଇଁ ନାନା ସମସ୍ୟାର ସମ୍ମୁଖିନ ହେଉଛି। ଏ ନେଇ ବିଭାଗୀୟ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ ମୁଁ ନଭେମ୍ବର ମାସରେ କାର୍ଯ୍ୟ ଭାର ଗ୍ରହଣ କରିବା ପରେ ଉକ୍ତ ସ୍ଥାନକୁ ପରିଦର୍ଶନ କରିଥିଲି ଏବଂ କେନାଲ ମରାମତି ଓ ବନ୍ଧର ପୁନରୁଦ୍ଧାର ପାଇଁ ବ୍ୟୟ ଅଟକଳ କରାଯାଇଛି। ଏପରିକି କେନାଲ ପାଇଁ ବ୍ୟୟ ବରାଦ କରା ସରିଛି ବର୍ଷା ଦିନ ପୂର୍ବରୁ କାର୍ଯ୍ୟ ଆରମ୍ଭ କରାଯାଇ ଶେଷ କରାଯିବାକୁ ଚେଷ୍ଟା କରାଯିବ ବୋଲି ସୂଚନା ଦେଇଛନ୍ତି। ଏ ବାବଦରେ ପାଣିପଞ୍ଚାୟତ ସଂପାଦକ ଓ ସ୍ଥାନିୟ ସରପଞ୍ଚଙ୍କ ମତାମତ।



## ଜଳଛତ୍ରରେ ପାଣି ପିଇବା ପରେ ଜଣକର ମୃତ୍ୟୁ

**ତେଲକୋଇ,୩୦।୫(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳରେ ଜଣଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ପଞ୍ଚାୟତ ଶିଙ୍କୁଳାବାହାଳ ଗ୍ରାମର ଦିଲ୍ଲୀପ କୁମାର ନାୟକ (୬୫)ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଦିଲ୍ଲୀପ ଗୁରୁବାର ମଧ୍ୟାହ୍ନରେ ବାଦିନାଳୀ ସ୍ଥିତ ନିଜ ଆମ୍ବ ବଗିଚାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଦିନ ପ୍ରାୟ ଦୁଇଟା ସମୟରେ ଶିଙ୍କୁଳାବାହାଳ ଛକରେ ଥିବା ଜଳଛତ୍ରରେ ପାଣି ପିଇଥିଲେ। ପାଣି ପିଇ ସେହିଠାରେ ହିଁ ଅସୁସ୍ଥ ହୋଇପଡିଥିଲେ ଦିଲ୍ଲୀପ। ଜଳଛତ୍ର ପରିଚାଳକ ଏବିଷୟନେଇ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଆମ୍ବୁଲାନ୍ସ ଯୋଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ପରିବାର ଲୋକେ ତେଲକୋଇ ପୁଲିସ ନିକଟରେ ଲିଖିତ ଅଭିଯୋଗ ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଗୁଳୁଗୁଳି ପାଇଁ ଅସ୍ତବ୍ୟସ୍ତ ଜନଜୀବନ



**ଚମ୍ପୁଆ,୩୦।୫(ସମିସ):** ଦିନକୁ ଦିନ ରୌଦ୍ରତାପ ବୃଦ୍ଧି ସାଙ୍ଗକୁ ଗୁଳୁଗୁଳି ବୃଦ୍ଧି ହେବାରେ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଲାଣି। ଗ୍ରାମଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଆଡେ ସମାନ ସମସ୍ୟା ଦେଖିବାକୁ ମିଳୁଛି। ଦିନ ୧୦ଟା ପରେ ବଜାର ଘାଟ ଏକ ପ୍ରକାର ଜନଶୂନ୍ୟ ହୋଇପଡୁଛି। ଅସହ୍ୟ ଗରମ ସାଙ୍ଗକୁ ଝାଞ୍ଜି ପବନରୁ ରକ୍ଷା ପାଇଁ ଜନସାଧାରଣ ଗଛମୂଳକୁ ଭରସା କରି ରହିଥିବା ଦେଖାଯାଇଛି। ଚମ୍ପୁଆରେ ବିଗତ ୩ ଦିନ ମଧ୍ୟରେ ପାରଦ ବଢି ଗତ ମଙ୍ଗଳବାର ସର୍ବୋଚ୍ଚ ୩୯ ଡିଗ୍ରୀ, ବୁଧବାର ୪୪ ଡିଗ୍ରୀ ରହିଥିବା ବେଳେ ଗୁରୁବାର ୪୨ ଡିଗ୍ରୀ ରହିଥିବା ବିଭାଗୀୟ ତରଫରୁ ସୂଚନା ମିଳିଛି। ଏହି ଗରମ ଦାଉରୁ ରକ୍ଷା ପାଇବା ପାଇଁ ଗ୍ରାମ ଗୁଡିକରେ ଥିବା ବୃକ୍ଷ ମୂଳ ଜନସାଧାରଣଙ୍କ ସାହାରା ପାଲଟିଛି।

### ପତିତପାବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ଶକ୍ତିରଞ୍ଜନ କଳା ବିଭାଗ ଟପ୍ପର

**ଆନନ୍ଦପୁର, ୩୦।୫(ସମିସ):** ସାଇଁକୁଳସ୍ଥିତ ପତିତପାବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। କଳା ବିଭାଗର ଛାତ୍ର ଶକ୍ତିରଞ୍ଜନ ପେରେଇ ସର୍ବାଧିକ ୪୯୯ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଶକ୍ତିରଞ୍ଜନଙ୍କର ଏହି ସଫଳତା ପାଇଁ ବାବା ସାହେବ ଆମ୍ବେଦକର ସେବା ପକ୍ଷରୁ ଉପଦେଷ୍ଟା ହରିହର ଦାସ, ସମ୍ପାଦକ ଆଇନଜୀବୀ ଚତୁର୍ଭୁଜ ଜେନା, ସହ ସାଧାରଣ ସମ୍ପାଦକ ସୁରେଶ କୁମାର ଜେନା, ଅବସରପ୍ରାପ୍ତ ଡାକପାଳ ଗୋପିନାଥ ମଲିକ, ଅଧ୍ୟାପକ ଭୈରବ ଜେନା, ଶିକ୍ଷାବିତ ଚିତ୍ତରଞ୍ଜନ ଜେନା, ସମାଜସେବୀ ପ୍ରମୋଦ କୁମାର ଜେନା ପ୍ରମୁଖ ତାଙ୍କ ଘରେ ପହଞ୍ଚି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଶକ୍ତିରଞ୍ଜନ ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଖଡିବିଲ ଗ୍ରାମର ତାପସ ପେରେଇ ଓ ରଶ୍ମିରାଣୀ ପେରେଇଙ୍କ ପୁତ୍ର ଅଟନ୍ତି।



### ଆନନ୍ଦପୁର ବାଲିଘାଟରୁ ଚୋରାଚାଲାଣ ଘଟଣା

# ଖଣି ଓ ପରିବେଶ ବିଭାଗର ତଦନ୍ତ

ଆନନ୍ଦପୁର, ୩୦।୫(ସମିସ)



ଆନନ୍ଦପୁର ବାଲିଘାଟରୁ ଅପେକ୍ଷାକୃତ ଅଧିକ ପରିମାଣର ବାଲି ପରିବହନ ଏବଂ ବୈତରଣୀ ବନ୍ୟା ସୁରକ୍ଷା ବନ୍ଧ (ରିଙ୍ଗରୋଡ)ରେ ବାଲିବୋଝେଇ ଭାରୀଯାନ ଚଳାଚଳ ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହେବାରୁ ଏନେଇ ହୋଇଥିବା ଅଭିଯୋଗର ଆଜି ତଦନ୍ତ ଆରମ୍ଭ ହୋଇଛି। ଖଣି, ପରିବେଶ ଓ ପ୍ରଦୂଷଣ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଜଳସେଚନ ଓ ରାଜସ୍ୱ ବିଭାଗର କର୍ମଚାରୀମାନେ ଆଜି ବୈତରଣୀ ନଦୀର ଆନନ୍ଦପୁର ବାଲିଘାଟରେ ସର୍‌ଜମିନ ତଦନ୍ତ କରିଥିଲେ। ପୂର୍ବରୁ ନିଲାମ ହୋଇଥିବା ଏହି ଘାଟରୁ କେତେ ପରିମାଣର ବାଲି ଉତ୍ତୋଳନ କରାଯାଇଛି ଏବଂ ପଟ୍ଟାଦାରଙ୍କୁ ଦିଆଯାଇଥିବା ସୀମା ମଧ୍ୟରେ ବାଲି ଉତ୍ତୋଳନ ହୋଇଛି କି ନାହିଁ ସେନେଇ ବିଭାଗୀୟ ଅଧିକାରୀମାନେ ତଦନ୍ତ କରିଥିଲେ। ତଦନ୍ତ କାଳରେ ବିଭାଗୀୟ ଅଧିକାରୀମାନେ ଅଭିଯୋଗକାରୀମାନଙ୍କ ଠାରୁ ବୟାନ ସଂଗ୍ରହ କରିବା ସହିତ ଖୁବଶୀଘ୍ର ଏହି ଅଭିଯୋଗର ଆବଶକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ, ରିଙ୍ଗ୍‌ରୋଡରେ ଭାରୀଯାନ ଚଳାଚଳ ଓ ବିଶେଷ କରି ବାଲିବୋଝେଇ ଗାଡି ଚଳାଚଳକୁ ବିରୋଧ କରି ଗତ ୧୭ ତାରିଖରେ ଆନନ୍ଦପୁର ସ୍ୱାଭିମାନ ମଞ୍ଚ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା। ମଞ୍ଚର କର୍ମକର୍ତ୍ତା ଓ ସଦସ୍ୟମାନେ ରିଙ୍ଗରୋଡସ୍ଥିତ ତାରିଣୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରିଙ୍ଗରୋଡରେ ଆସୁଥିବା ଭାରୀଯାନ ଗୁଡିକୁ ଅଟକ ରଖିଥିଲେ। ଭାରୀଯାନ ଗୁଡିକ ଛିଡା ହୋଇ ରହିବା ପରେ ଘଟଣାସ୍ଥଳରେ ଆନନ୍ଦପୁର ପୁଲିସ ପହଞ୍ଚି ମଞ୍ଚ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ପରେ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ସାମୟିକ ଭାବେ ପ୍ରତ୍ୟାହାର କରାଯାଇଥିଲା। ତେବେ ବୈତରଣୀ ନଦୀର ଆନନ୍ଦପୁର ଘାଟକୁ ପୁଲିସ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦେଇଥିବା ବେଳେ ଏହି ଅଭିଯୋଗର ତଦନ୍ତ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଥିବା ଜଣାଯାଇଛି। ପୂର୍ବରୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆନନ୍ଦପୁର ବ୍ରିଜ ଓ ବ୍ୟାରେଜ ଏବଂ ରିଙ୍ଗରୋଡ (ନଦୀବନ୍ଧ) ଜୀବନରେଖାର ସୁରକ୍ଷା, ରିଙ୍ଗରୋଡରେ ଭାରୀଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ, ରୟାଲଟି ପେପର ନଥାଇ ବାଲି ପରିବହନ ବିରୋଧରେ ରାଜ୍ୟପାଳ, କେନ୍ଦୁଝର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ମଞ୍ଚ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଅଧୀନ ବିଭିନ୍ନ ତହସିଲ ଅଧୀନରେ ଥିବା ବାଲିଘାଟରୁ ବାଲି ବୋଝେଇ ଗାଡି ଗୁଡିକରୁ ଦୈନିକ ଶହ ଶହ ଟ୍ରିପ୍ ବାଲି ବେଆଇନ ଭାବେ ଉତ୍ତୋଳନ ହେଉଥିବା ଅଭିଯୋଗ ହୋଇଥିଲା। ବୈତରଣୀ ନଦୀର ଝାଡେଶ୍ୱର ମନ୍ଦିର ନିକଟରେ ଥିବା ବାଲି ଘାଟରୁ ପ୍ରତିଦିନ ଶହଶହ ଟ୍ରିପ ବାଲି ରାଜ୍ୟ ଏବଂ ରାଜ୍ୟ ବାହାରକୁ ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନର ଧରପଗଡ ଅଭାବ ଏବଂ ଆବଶକୀୟ କାଗଜପତ୍ର ଯାଞ୍ଚ ହେଉନଥିବାରୁ ଏହି ବେଆଇନ କାରବାର ଅନାୟାସରେ ଚାଲିଥିଲା। ଲଘୁ ଖଣିଜ ପରିବହନ ସମ୍ପର୍କିତ ଯାଞ୍ଚ ଓ ଧରପଗଡ ଖଣି ବିଭାଗ ଅଧୀନକୁ ହସ୍ତାନ୍ତର ହେବା ପରେ ଆନନ୍ଦପୁରରେ ଏହି ବେଆଇନ କାରବାର ଖୁଲମଖୁଲା ଚାଲିଥିବା ଅଭିଯୋଗ ହୋଇଥିଲା। କେନ୍ଦୁଝରରୁ ଖଣି ବିଭାଗର ଅଧିକାରୀମାନେ ଦୈନିକ ଆସି ଆନନ୍ଦପୁରରେ ଯାଞ୍ଚ ଏବଂ ଧରପଗଡ କରିବା ଅସମ୍ଭବ ହୋଇପଡୁଥିବାରୁ ଏପରି ବେଆଇନ କାରବାର ଚାଲୁଥିବା ଅଭିଯୋଗ ହୋଇଥିଲା।

## ସାମ୍ବାଦିକଙ୍କ ହ୍ୱାଟସ୍‌ଆପ୍‌କୁ ହ୍ୟାକ୍ କଲେ ସାଇବର ଠକ

**ଆନନ୍ଦପୁର,୩୦।୫(ସମିସ):** ଦିନକୁ ଦିନ ସାଧାରଣ ଲୋକେ ସୁବିଧା ପାଇଁ ଅନ୍‌ଲାଇନର କାରବାର କରୁଥିବା ବେଳେ ଏହାର ସୁଯୋଗ ନେଇ ସାଇବର ଠକ ମାନେ ବିଭିନ୍ନ ଉପାୟରେ ଠକେଇ କରୁଥିବାରୁ ସାଧାରଣ ଲୋକେ କ୍ଷତିଗ୍ରସ୍ଥ ହେଉଥିବା ଜଣାଯାଇଛି। ଯାହାକି ଆଜି ଦୈନିକ ଖବରକାଗଜ 'ସକାଳ'ର ଆନନ୍ଦପୁର ପ୍ରତିନିଧି ମଦନ ପାଣି ଏହିଭଳି ଅନ୍‌ଲାଇନ ଠକେଇର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ଦୁଇ ଘଟିକା ସମୟରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ଲୋଗୋ ଥିବା ଏକ ଗ୍ରୁପରୁ ତାଙ୍କ ହ୍ୱାଟସଆପ ନମ୍ବରକୁ ଏକ ମେସେଜ ଆସିଥିଲା। ଏହି ମେସେଜକୁ ଖୋଲିବା ମାତ୍ରେ ଅବିଳମ୍ବେ ତାଙ୍କ ହ୍ୱାଟସଆପ ହ୍ୟାକ ହୋଇଯାଇଥିଲା। ଶ୍ରୀ ପାଣି ବିବ୍ରତ ହୋଇପଡି ଏନେଇ ଆନନ୍ଦପୁର ପୁଲିସ ଏସ୍‌ଡିପିଓଙ୍କୁ ଜଣାଇବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଏହାର ତଦନ୍ତ କରିଥିବା ଜଣାଯାଇଛି। ତେବେ ଶ୍ରୀ ପାଣିଙ୍କ ନମ୍ବରକୁ ବ୍ୟବହାର କରି ଉକ୍ତ ସାଇବର ଠକମାନେ ତାଙ୍କ ଫୋନରେ ଥିବା ବିଭିନ୍ନ ଗ୍ରୁପ୍‌କୁ ଏକ ଫେକ ମେସେଜ ଛାଡିଥିବା ବେଳେ କେହି ଏହାକୁ ନଖୋଲି ଡିଲେଟ କରିବାକୁ ସେ ଅନୁରୋଧ କରିଛନ୍ତି।



# ମହିଳାଙ୍କୁ ରୋଜଗାର ଯୋଗାଇଛି ଚାରୁକୋଳି ମଞ୍ଜି

ରାଇବଣିଆ, ୩୦।୫(ସମିସ):



**ଚାହିଦା ଅଛି, ବିକ୍ରିର ସୁବିଧା ନାହିଁ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଏକ ଜଙ୍ଗଲ ଘେରା ଅଞ୍ଚଳ ଭାବେ ଜଣାଶୁଣା। ଏଠାରେ ଜଙ୍ଗଲଜାତ ଦ୍ରବ୍ୟ ଫଳ ଓ ଔଷଧୀୟ ଜିନିଷ ମିଳିଥାଏ। ବିଶେଷକରି ଗ୍ରୀଷ୍ମ ଋତୁରେ ହେଉଥବା ଚାରୁକୋଳି ର ଭଲ ଚାହିଦା ରହିଛି। ଖଟାମିଠାପରି ବେଶ ସ୍ୱାଦିଷ୍ଟ ଲାଗିଥାଏ ଏହି କୋଳି। ପରେ ଏହାର ଚାହିଦା ଦେଶ ବିଦେଶର ଭଲ ରହିଛି। ଏହି କୋଳି ଦ୍ୱାରା ବିଭିନ୍ନ ଔଷଧ ମଧ୍ୟ ପ୍ରସ୍ତୁତ ହୋଇଥାଏ ତେବେ ବିକ୍ରିର ସୁବିଧା ନ ଥିବାରୁ ବନବାସୀମାନେ ଉପଯୁକ୍ତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ବିକ୍ରି ପାଇଁ ଜଙ୍ଗଲରେ ପେଣ୍ଡା ପେଣ୍ଡା ଫଳୁଥିବା ଚାରକୋଳିକୁ ସ୍ଥାନୀୟ କୁଡୁମି ଓ ଆଦିବାସୀ, ମହାନ୍ତ ସମ୍ପ୍ରଦାୟର ଲୋକେ ଚାରୁକୋଳିକୁ ତୋଳି ଆଣି ଖରାରେ ଶୁଖାଇଥାନ୍ତି। କିଛି ସମୟ ଶୁଖିଲା ପରେ କୋଳିର ଉପର ଭାଗରେ ଶିଳରେ ଘସି ଛଡ଼ାଯାଏ ଓ ପରେ ଭଲ ଭାବେ ପାଣିରେ ଭିଜେଇ ପୁଣି ଖରାରେ ଶୁଖାଯାଏ। ଶୁଖିଗଲା ପରେ ଏହାକୁ ବିକ୍ରି କରାଯାଏ। ବାହାର ବେପାରୀମାନେ ଗାଁ ଗାଁ ବୁଲି ବୁଝି ଲୋକଙ୍କଠାରୁ ଉକ୍ତ ମଞ୍ଜିକୁ କିଣିଥାନ୍ତି। ଶୁଷ୍କ ମଞ୍ଜି ୪/୫ ବର୍ଷ ପୂର୍ବେ କେଜି ପ୍ରତି ୫୦ ଟଙ୍କାରେ ବେପାରୀମାନେ ବିକୁଥିବା ବେଳେ ଏବେ ୨୦୦ ଟଙ୍କାରେ କିଣୁଛନ୍ତି। ଯଦି ମଞ୍ଜିକୁ ଫାଳ କରି ଦାନାକୁ ବିକ୍ରି କରାଯାଏ ତେବେ କେଜୋ ପ୍ରତି ୯୦୦ ଟଙ୍କାରେ ବିକ୍ରି ହୋଇଥାଏ ବୋଲି ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଅଞ୍ଚଳ ର ଭୋଲ, ଯୁଆଳି ଭଙ୍ଗା, ବାଗ ବୁଡା, ସୁକଯୋଡ଼ି, କେନ୍ଦୁଖୁଣ୍ଟା, ବାଘୁଡ଼ିପଦା, ଭଡ୍ରାପଦା, କଲ୍ୟାଣକୋଟ କହିଛନ୍ତି। ପ୍ରାୟ ପାଞ୍ଚ କେଜି ମଞ୍ଜିରୁ ୧ କେଜି ଦାନା ବାହାରି ଥାଏ ବୋଲି ସେମାନେ କରିଛନ୍ତି। ବର୍ତ୍ତମାନ ଦିନରେ ୨ରୁ ୩ କେଜି ଶୁଖିଲା ମଞ୍ଜି ଦିନକୁ ବେପାରୀଙ୍କୁ ବିକ୍ରି କରୁଛନ୍ତି। ପୂର୍ବରୁ ଏହି ଫଳକୁ ତୋଳି ଏକ ଶାଳ ପତ୍ରରେ ରଖି ୧୦ରୁ ୨୦ ଟଙ୍କା ପ୍ରତି ଦନାକୁ ଗାଁ ଗାଁରେ ବିକ୍ରି କରୁଥିଲେ ଲୋକେ। କିନ୍ତୁ ଏବେ ଏହା ଆଉ ଦେଖିବାକୁ ମିଳୁନି। ଯାହା ଫଳରେ ଲୋକ ଆଉ ଚାରୋ କୋଳି ଆଉ ଖାଇବାକୁ ମିଳିପାରୁ ନାହିଁ ରାଇବଣିଆ ଅଞ୍ଚଳ ର ଲୋକେ ଏହାକୁ ଜଙ୍ଗଲରୁ ଆଣି ବିକ୍ରି କରିଥାନ୍ତି।ବଜାରରେ ଉକ୍ତ ଚାରୁ କୋଳି ଜଙ୍ଗଲରୁ ସଂଗ୍ରହ କରୁଥିବା ବନବାସୀ, ଗାଁ ଲୋକେ ଏହାର ଉଚିତ ଦାମ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ପ୍ରଶାସନ ଉକ୍ତ ମଞ୍ଜି ସମ୍ପର୍କ ରେ ଲୋକଙ୍କୁ ସଚେତନ କରାଇଲେ ଲୋକେ ଉପକୃତ ହୋଇ ପାରନ୍ତେ।

# ଟ୍ରେଲରକୁ ପିଟିଲା କାର, ଚାଳକ ଗୁରୁତର



ବସ୍ତା ବ୍ଲକ/ଗାନ୍ଧିଛକ, ୩୦।୫ (ସମିସ) : ରୂପସା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ମିରିଗିମୁଣ୍ଡି ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ କାର ଚାଳକ ଗୁରୁତର ହୋଇଛନ୍ତି। ଆଜି ପୂର୍ବାହ୍ଣରେ ଏକ କାର ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯିବା ସମୟରେ ମିରିଗିମୁଣ୍ଡି ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଲୁହା ବୋଝେଇ ଟ୍ରେଲର ପଛକୁ ଧକ୍କା ଦେଇଥିଲା। ଫଳରେ କାର ଚାଳକ ଜଣକ ଗୁରୁତର ହୋଇଥିଲେ। ଖବର ପାଇବା ମାତ୍ରେ ଜାତୀୟ ରାଜପଥ ପହରା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର ମଧ୍ୟରୁ ଚାଳକ ଜଣକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ହସ୍ପିଟାଲକୁ ପଠାଇଥିଲେ। ରୁପସା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ୨୧୯ଟି ବୁଥ୍‌ରେ ମତଦାନ କରିବେ ୨.୧୫ ଲକ୍ଷ ଭୋଟର

ନୀଳଗିରି, ୩୦।୫(ସମିସ): ଚଳିତ ୨୦୨୪ ଲୋକସଭା ଓ ବିଧାନସଭା ଆସନରୁ ଅନୁଷ୍ଠିତ ହେବାକୁ ଯାଉଥିବା ଶେଷ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଗତ ୨୯ ତାରିଖ ରାତି ୭ ଘଟିକା ପରେ ନିର୍ବାଚନୀ ପ୍ରଚାର ପ୍ରସାର ସରିଯାଇଛି। ଆସନ୍ତା ଜୁନ ୧ ତାରିଖ ଦିନ ମତଦାନ ହେଉଥିବା ବେଳେ ନୀଳଗିରି କଲେଜରେ ଆଜି ସବୁ ପୋଲିଙ୍ଗ ପାର୍ଟି ନିର୍ବାଚନ ପ୍ରକ୍ରିୟାରେ ବ୍ୟବହୃତ ସାମଗ୍ରୀ ବିତରଣ ସମୟ ସକାଳ ୬ଟାରେ କରାଯାଇଛି। ଏହି ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚନ ଅଧିକାରୀଙ୍କ ସହିତ ଚାରି ଜଣ ନିର୍ବାଚନ ଅଧିକାରୀ ସହଯୋଗ କରିବେ। ନୀଳଗିରି ନିର୍ବାଚନ ମଣ୍ଡଳୀର ମୋଟ ୨ ଲକ୍ଷ ୧୫ ହଜାର ୬୨୦ ଜଣରୁ ଉର୍ଦ୍ଧ ମତଦାତା ୨୧୯ଟି ବୁଥ ରେ ମତଦାନ କରିବେ। ଏଥି ମଧ୍ୟରୁ ୪୨ଗୋଟି ମଡେଲ ବୁଥ ମହିଳା ମାନଙ୍କ ଉଦ୍ଦେଶ୍ୟରେ କେବଳ ମହିଳା ପ୍ରିଜାଇଡିଂ, ପୋଲିଂ ଅଫିସର ଙ୍କୁ ନେଇ ୨୪ଟି ସଖି ବୁଥ ଏବଂ ୧୦୭ଟି ୪/୩, ୩/୪ ଉଭୟ ମହିଳା, ପୁରୁଷ ପ୍ରିଜାଇଡିଂ, ପୋଲିଙ୍ଗ ଅଫିସର ଙ୍କୁ ନେଇ କରାଯାଇଛି।

**ଯୁକ୍ତଦୁଇ ପରୀକ୍ଷାରେ କେକେଏସ୍ କଲେଜର ସଫଳତା**

# କଳାରେ ମାମାଲି, ବିଜ୍ଞାନରେ ଦେବଲୀନା କଲେଜ ଟପ୍ପର





ବାଲେଶ୍ୱର, ୩୦।୫(ସମିସ): ମାଣିଖମ୍ବସ୍ଥିତ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଚଳିତ +୨ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କଳା ଓ ବିଜ୍ଞାନରେ ଛାତ୍ରଛାତ୍ରୀ ବେଶ୍ ସଫଳତା ହାସଲ କରିଛନ୍ତି। କଳାରେ ୮୩ ଜଣ ପ୍ରଥମ ଶ୍ରେଣୀ, ୩୫ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୩୪ ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀ ହାସଲ କରିଛନ୍ତି। ୩ ଜଣ ଫେଲ୍ ହୋଇଛନ୍ତି। ତେବେ କଳାରେ ୮୯ ପ୍ରତିଶତ ରଖି ମାମାଲି ଜେନା କଲେ ଟପ୍ପର ହୋଇଛନ୍ତି। ସେହିପରି ବିଜ୍ଞାନରେ ୮୬ ଜଣ ପ୍ରଥମ ଶ୍ରେଣୀ, ୨୮ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୫ ଜଣ ତୃତୀୟ ଶ୍ରେଣୀ ଅଧିକାର କରି ପାସ୍ ହୋଇଛନ୍ତି। ପରୀକ୍ଷା ସମୟରେ ଜଣେ ଅନୁପସ୍ଥିତ ଥିବାବେଳେ ୧୦ ଜଣ ଫେଲ୍ ହୋଇଛନ୍ତି। ବିଜ୍ଞାନରେ ୮୪ ପ୍ରତିଶତ ନମ୍ବର ରଖି ଦେବଲିନା ଦାସ କଲେଜ ଟପ୍ପର ହୋଇଛନ୍ତି। ଏ ନେଇ କଲେଜ ଅଧକ୍ଷା ସୁବ୍ରତା ଦେବାଙ୍ଗନା ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଜେପିର ବାଇକ୍ ଶୋଭାଯାତ୍ରା

ବାଲେଶ୍ୱର, ୩୦।୫(ସମିସ): ବାଲେଶ୍ୱରରେ ମତଦାନ ପାଇଁ ଶେଷ ହୋଇଛି ପ୍ରଚାର ଅଭିଯାନ। ଏହି ପରିପ୍ରେକ୍ଷୀରେ ପ୍ରଚାରର ଶେଷ କାର୍ଯ୍ୟକ୍ରମ ଭାବେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସଦର ନିର୍ବାଚନମଣ୍ଡଳୀରେ ଏକ ବିଶାଳ ବାଇକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ହଜାର ହଜାର ବିଜେପି କର୍ମୀ ଓ ସମର୍ଥକ ଯୋଗଦେଇ ସ୍ଥାନୀୟ ଜିଲ୍ଲା ସ୍କୁଲ ପଡ଼ିଆରୁ ଶୋଭାଯାତ୍ରାରେ ବାହାରିଥିଲେ। ଏଥିରେ ପ୍ରାର୍ଥୀ ଶ୍ରୀ ଦତ୍ତ ବାଲେଶ୍ୱର ସହରବାସୀଙ୍କୁ କୃତଜ୍ଞତା ଜଣାଇବା ସହ ଆସନ୍ତ ଜୁନ ୧ ତାରିଖରେ ସମର୍ଥନ ଜଣାଇବାକୁ ନିବେଦନ କରିଥିଲେ। ଏହି ଶୋଭାଯାତ୍ରା ଜିଲ୍ଲା ସ୍କୁଲ ପଡ଼ିଆରୁ ବାହାରି ଷ୍ଟେସନ ଛକ, ଫକୀର ମୋହନ ଗୋଲେଇ, ଫାଣ୍ଡିଛକ, ଗୋପାଳଗାଁ, ମାଣିଖମ୍ବ, ବାରବାଟି, ମୋତିଗଞ୍ଜ, ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିଲା।



# ନଦୀବନ୍ଧରୁ ଯୁବକଙ୍କ ମୃତଦେହ ଉଦ୍ଧାର

ରାଜଘାଟ/ଲଙ୍ଗଳେଶ୍ୱର, ୩୦।୫ (ସମିସ): ସିଂଲା ଥାନା ଅନ୍ତର୍ଗତ ରଣସପୁରଡିହ ଗ୍ରାମ ନିକଟସ୍ଥ ନଦୀବନ୍ଧ ନିକଟରୁ ଗୁରୁବାର ଜଣେ ଯୁବକଙ୍କର ରକ୍ତ ଜୁଡୁବୁଡୁ ମୃତଦେହକୁ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଏହି ଗ୍ରାମର ନିକୁଞ୍ଜ ମଣ୍ଡଳଙ୍କ ପୁଅ ରଞ୍ଜିତ ମଣ୍ଡଳ(୨୫)। ରଞ୍ଜିତ ଗତକାଲି ରାତିରେ ବାହାରକୁ ଯାଇଥିଲେ। ମାତ୍ର ଆଜି ସକାଳେ ତାଙ୍କର ରକ୍ତ ଜୁଡୁବୁଡୁ ମୃତ ଦେହ ଏହି ଗ୍ରାମ ସ୍ଥିତ ନଦୀବନ୍ଧ ନିକଟରେ ପଡ଼ିଥିବାର ଦେଖି ସ୍ଥାନୀୟ ଲୋକେ ଓ ପରିବାର ଲୋକେ ସିଂଲା ପୁଲିସକୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ରଞ୍ଜିତଙ୍କୁ ହତ୍ୟା କରାଯାଇଥିବା ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ସିଂଲା ପୁଲିସ ଏକ ମାମଲା ରୁଜୁ କରି ମୃତଦେହକୁ ବ୍ୟବଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

# ରାଇବଣିଆରେ ବିଜେପିର ବିଜୟ ସଂକଳ୍ପ ସମାବେଶ

ଜଳେଶ୍ୱର ବ୍ଲକ/ରାଇବଣିଆ, ୩୦।୫ (ସମିସ) : ଚଳିତ ୨୦୨୪ ସାଧାରଣ ନିର୍ବାଚନ ପ୍ରଚାରର ଶେଷ ଦିନରେ ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳର ୧୪




ଟି ଗ୍ରାମ ପଞ୍ଚାୟତର ଆଦିବାସୀଙ୍କ ଭୋଟ ହାତେଇବାକୁ ୩ ପ୍ରମୁଖ ଦଳ ଶେଷ କସରତ କରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ହାତିଗର୍ଡ଼ ହେଲିପ୍ୟାଡ ପଡ଼ିଆରେ ବିଜେପି ପକ୍ଷରୁ ବିଶାଳ ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ବିଜେପି କାଳିଚରଣ ଦାସ ମଞ୍ଚ ଆହ୍ୱାନ କରି ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭୁବନେଶ୍ୱର ବିଜେପି ସାଂସଦ ଷ୍ଟାର ପ୍ରଚାରକ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଯୁବ ନେତୃତ୍ୱ ବ୍ରଜ ମୋହନ ପ୍ରଧାନଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ କହିଥିଲେ। ଉକ୍ତ ସମାବେଶରେ ମଞ୍ଚାସିନ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ବିଜେପି ମହିଳା ନେତ୍ରୀ ରଶ୍ମି ମହାପାତ୍ର, ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ, ନିର୍ବାଚନ ମଣ୍ଡଳୀ ସଂଯୋଜକ ଶାନ୍ତନୁ ପଟ୍ଟନାୟକ, ଜିଲ୍ଲା ସଂଯୋଜକ ଙ୍ଗ ପରମାନନ୍ଦ ମହାପାତ୍ର, ଜିଲ୍ଲା ଯୁବ ମୋର୍ଚ୍ଚା ସଂଯୋଜକ ସ୍ମୃତି ରଞ୍ଜନ ଦାସ, ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ, ଜିଲ୍ଲା ସଭାନେତ୍ରୀ ସୁମତି ରାଣୀ ଦେ, ସୁଷମା ମହାନ୍ତି, ଗଣେଶ ସୋରେନ୍, ମଣ୍ଡଳ ସଭାପତି ବିଶ୍ୱରୂପ ଦାସ, ନବୀନ କୁମାର ସାମଲ, ତପନ ବିଶ୍ୱାଳ, ଦିଗାମ୍ବର ଦାସ, ଯୁବ ନେତା ସଞ୍ଜିବ ଜେନା, ଯୁବନେତା ସତ୍ୟ ଶୋଭନ ମିଶ୍ର, ରାସ ବିହାରୀ ରଣା, ସମିତି ସଭ୍ୟ ମୁକୁନ୍ଦ ରଞ୍ଜନ ଜେନା, ଉଦୟ ନାଥ ମୁର୍ମୁ, କାଉନସିଲର ଚନ୍ଦନ ଦାସ, ସତ୍ୟ ରଞ୍ଜନ ମହାପାତ୍ର, ତନ୍ମୟ ଚାନ୍ଦ, ରାଜେଶ ଖଟୁଆ, ବରିଷ୍ଠ ନେତା ଭୂପତି ଚରଣ ମିର୍ଦ୍ଧା, ମିଡିଆ ସଂଯୋଜକ ସୁକୁମାର ରଣା, ଦେବୁ ଦତ୍ତ, ଶ୍ରୀକୃଷ୍ଣ ଚରଣ ଗୁପ୍ତା, ଅନନ୍ତ ଦାସ, ପ୍ରାକ୍ତନ ଅଧାପିକା ଇନ୍ଦୁମତୀ ଗିରି ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ।

# ସ୍ୟାଣ୍ଡ ସିଟି ବିଜ୍ଞାନ ଆବାସିକ ବିଦ୍ୟାଳୟର ସମ୍ବର୍ଦ୍ଧନା ଉତ୍ସବ

ଜଳେଶ୍ୱର ବ୍ଲକ, ୩୦।୫ (ସମିସ) : ଜଳେଶ୍ୱର ସହର ସନ୍ନିକଟ ସ୍ୟାଣ୍ଡ ସିଟି ବିଜ୍ଞାନ ଆବାସିକ ବିଦ୍ୟାଳୟର ଶିକ୍ଷାର୍ଥୀ ମାନେ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି।ଏହି ଅବସରରେ ଗୁରୁବାର ଅପରାହ୍ନରେ ବିଦ୍ୟାଳୟ ପକ୍ଷରୁ ଶିକ୍ଷାନୁଷ୍ଠାନ ପରିସରରେ ଶିକ୍ଷାର୍ଥୀଙ୍କ ଲାଗି ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ଅଧାପକ ସୁଧିର କୁମାର କର ସଭାପତିତ୍ୟ କରିଥିଲେ। ମଞ୍ଚାସିନ ଅତିଥି ମଧ୍ୟରେ ଅନୁଷ୍ଠାନର ଅଧକ୍ଷ ନିରଞ୍ଜନ ସ୍ୱାଇଁ, ମୁଖ୍ୟଅତିଥି ବରିଷ୍ଠ ଆଇନଜୀବି ଚିନ୍ମୟ କୁମାର ଦାସ, ମୁଖ୍ୟ ବକ୍ତା ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ, ସମ୍ମାନୀତ ଅତିଥି ଶିକ୍ଷକ କୃତିବାସ ସାହୁ, ସମ୍ମାନିତ ଅତିଥି ଶିକ୍ଷକ ବଳରାମ ପଣ୍ଡା, ରାଜୀବ ଲୋଚନ ଜେନା ଯୋଗଦେଇ ବିଦ୍ୟାଳୟକୁ ଦେବାଳୟ ସହିତ ତୁଳନା



କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ୍ କୃପାସିନ୍ଧୁ ସେଠୀ ଅନୁଷ୍ଠାନ ଅନନ୍ୟ ସଫଳତା ହାସଲ କରିଥିବାରୁ ସମସ୍ତ ଅଧାପକ, ଶିକ୍ଷକ, ପରିଚାଳନା କମିଟି ଓ ସେବକଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଦ୍ୟାଳୟ ଟପ୍ପର ଶୃତିରେଖା ଜେନା ଓ ୫ ଶହରୁ ଅଧିକ ନମ୍ବର ରଖିଥିବା ୮ ଜଣ ପ୍ରତିଭାବାନ ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ, ମୋମେଣ୍ଟ, ମେଡାଲ ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା। ଦୀପ୍ତିରେଖା ପାତ୍ର, ଶ୍ରତାଶ୍ରୀ ପ୍ରାୟଦର୍ଶୀନି ମଲ୍ଲ, ଶିକ୍ଷୟତ୍ରୀ ତନୁଶ୍ରୀ ସାମଲ ଉପସ୍ଥାପନା ଓ ସଭା ପରିଚାଳନା କରିଥିଲା ବେଳେ ଅନୁଷ୍ଠାନର ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ଚଳଚିତ୍ର 'ଅବ୍ୟର୍ଥ' ପରିବେଷଣ ହୋଇଥିଲା। ହିମାଂଶୁ ଶେଖର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**୧୫ଦିନ ଧରି ଲିଙ୍କ୍ ଫେଲ୍**

# ଡୁଙ୍ଗୁରା ଉପଡାକଘରେ ଅଚଳାବସ୍ଥା

ଖଇରା, ୩୦।୫ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ଉପ ଡାକଘରେ ଲିଙ୍କ ଫେଲ ଯୋଗୁଁ ଗତ ୧୫ଦିନ ହେଲା ଅଚଳାବସ୍ଥା ଦେଖା ଦେଇଛି। ଅସହ୍ୟ ଗରମରେ ଗ୍ରାହକ ମାନେ ଦୈନନ୍ଦିନ କାର୍ଯ୍ୟାଳୟକୁ ଆସି ଘଣ୍ଟାଘଣ୍ଟା ଧରି ଅପେକ୍ଷା କରି ଫେରୁଛନ୍ତି। ତ୍ରୁଟି ମରାମତି କରାଯାଉନଥିବାରୁ ଗ୍ରାହକ ମାନଙ୍କର କାର୍ଯ୍ୟାଳୟଉପରୁ ଭରସା ତୁଟିଗଲାଣି। ତୁରନ୍ତ ଏହି ତ୍ରୁଟିକୁ ସଜାଡିବାକୁ କାର୍ଯ୍ୟାଳୟରୁ ଫେରୁଥିବା ଶହ ଶହ ସଂଖ୍ୟାର ଜମାକାରୀ ଦାବି କରିଛନ୍ତି। ଏହି ଉପ ଡାକ କେନ୍ଦ୍ର ଅଧୀନରେ ଦାମୋଦରପୁର, ବାଘୁଆ, କଲ୍ୟାଣୀ ଓ ଅରଖପୁର ଭଳି ଶାଖା ଡାକଘର ରହିଛି। ପ୍ରତ୍ୟେକଦିନ ଶତାଧିକ ଲୋକ ଜମା, ଉଠାଣ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହି ଉପଡ଼ାକଘର ଉପରେ ନିର୍ଭର କରିଥାନ୍ତି। ବାରାପୁର ନିକଟରେ ପୋଲକାମ ଚାଲିଥିବା ସମୟରେ ତାର କଟିବା ଯୋଗୁଁ ଲିଙ୍କ ଫେଲ ହୋଇଥିବା ଆଳରେ ଆସୁଥିବା ଉପଭୋକ୍ତାମାନଙ୍କୁ ଫେରାଇ ଦିଆଯାଉଛି। ତୁରନ୍ତ ତ୍ରୁଟିକୁ ମରାମତି କରିବାକୁ ଡୁଙ୍ଗୁରା ବଜାର କମିଟିର ପୂର୍ବତନ ସଭାପତି ଭରତ କୁମାର ରାଉତ ଦାବୀ କରିଛନ୍ତି। ଏ ସମ୍ପର୍କରେ ପୋଷ୍ଟ ମାଷ୍ଟର କମଳଲୋଚନ ମଲ୍ଲିକଙ୍କୁ ପଚାରିବାରେ ଏବେ ଖୁବଶିଘ୍ର ତ୍ରୁଟି ସଜାଡିବାର ବ୍ୟବସ୍ଥା କରାଯାଉଛି।

# ସରିଲା ପ୍ରଚାର, ନିର୍ବାଚନୀ ଗୀତରେ ଦୁଲୁକିଲା ଗାଁଠୁ ସହର

ବାଲେଶ୍ୱର, ୩୦।୫(ସମିସ):

ଆସନ୍ତା ୧ ତାରିଖ ସପ୍ତମ ପର୍ଯ୍ୟାୟ ବା ଶେଷ ପର୍ଯ୍ୟାୟ ମତଦାନ। ମତଦାନ ପାଇଁ ଚଳଚଞ୍ଚଳ ବାଲେଶ୍ୱର ସହର। ତେବେ ନିର୍ବାଚନ ସମୟରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ଲୋକମାନଙ୍କ ପ୍ରିୟ ଗୀତକୁ ଟ୍ରାକ୍ କରି ସମର୍ଥନ ପାଇବାକୁ ଚେଷ୍ଟା କରିଥାନ୍ତି। ସେଥିପାଇଁ ନିର୍ବାଚନ ଆସିଲେ ଷ୍ଟୁଡିଓ ଗୁଡିକରେ ଦଳୀୟ ପ୍ରାର୍ଥୀଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ସେହିପରି ଏଥର ସାଧାରଣ ନିର୍ବାଚନରେ ମଧ ଲୋକପ୍ରିୟ ଗୀତକୁ ନେଇ ତିଆରି ହୋଇଛି ଦଳୀୟ ଗୀତ। ପ୍ରଚାର ଆରମ୍ଭ ହେବା ପରଠୁ ଗୀତିକାର ଓ କଣ୍ଠଶିଳ୍ପୀଙ୍କୁ ନିର୍ବାଚନୀ ଗୀତ ତିଆରି ପାଇଁ ବରାଦ ଦେଇଥିଲେ। ସେହିପରି ପ୍ରାର୍ଥୀଙ୍କୁ ସେମାନଙ୍କର ପସନ୍ଦର ଗୀତ ଯୋଗାଇ ଦେଉଛନ୍ତି ବିଭିନ୍ନ ଷ୍ଟୁଡ଼ିଓ। ଏହି ପରିପ୍ରେକ୍ଷୀରେ ଏଥର ବାଲେଶ୍ୱରର କିଛି ଯୁବ କଣ୍ଠଶିଳ୍ପୀ ଏହି ନିର୍ବାଚନ ସମୟରେ ଗୀତ ଗାଇବାର ସୁଯୋଗ ପାଇବା ସହ ଏକ ରୋଜଗାରର ପନ୍ଥା ପାରିଛନ୍ତି। ସୂଚନାଯୋଗ୍ୟ, ଭୋଟର୍‌ଙ୍କୁ ଆକୃଷ୍ଟ କରୁଛି ଷ୍ଟୁଡିଓରେ ତିଆରି ନିର୍ବାଚନୀ ଗୀତ। ସେଥିପାଇଁ ବରାଦ ପରେ ପୁରା ଦମ୍‌ରେ ଲାଗିପଡ଼ିଥିଲେ ଗୀତିକାର, କଣ୍ଠଶିଳ୍ପୀ ଓ ବାଦ୍ୟକର। ସହରରେ ୮ ରୁ ଅଧିକ ରେକର୍ଡିଂ ଷ୍ଟୁଡିଓରେ ବିଭିନ୍ନ ଦଳର ପ୍ରାର୍ଥୀମାନଙ୍କ ଗୀତ ରେକର୍ଡିଂ କରାଯାଇଛି। ଏ ବାବଦରେ ପ୍ରଥମ ଥର ନିର୍ବାଚନୀ ଗୀତ ଗାଇଥିବା କଣ୍ଠଶିଳ୍ପୀ ବହ୍ନିମାନ ରଥ କହିଛନ୍ତି, ନିର୍ବାଚନୀ ଗୀତ ପ୍ରଚାରର ମୁଖ୍ୟ ଭୂମିକା ଗ୍ରହଣ କରିପାରିଛି। ବିଭିନ୍ନ ଦଳ ଏବଂ ସେମାନଙ୍କ ପ୍ରାର୍ଥୀଙ୍କ ପସନ୍ଦ ଅନୁସାରେ ଗୀତ ଓ ସେଥିରେ କଣ୍ଠଶିଳ୍ପୀ କଣ୍ଠଦାନ କରି ନିର୍ବାଚନୀ ପ୍ରଚାର ଗୀତ ଗାଇଛନ୍ତି। ଯାହା ସହରର ସାରା ପ୍ରଚାର ପାଇଁ ଘୁରି ବୁଲୁଛି। ଏମିତିକି ସୋସିଆଲ ମିଡ଼ିଆରେ



**● ରୋଜଗାର ପାଇଲେ ଷ୍ଟୁଡିଓ ମାଲିକଙ୍କ ସହ ଯୁବ କଣ୍ଠଶିଳ୍ପୀ**

ମଧ୍ୟ ବେଶ୍ ଗୀତର ଚାହିଦା ରହିଥିବା ଦେଖିବାକୁ ମିଳିଛି। ମୁଁ ପ୍ରଥମ ଥର ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକ, ବାଙ୍ଗିରିପୋଷି ବ୍ଲକ ଓ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ବିଜୁ ଜନତା ଦଳ ପାଇଁ ୮ ଟି ଗୀତ କରିଛି। ସିମୁଳିଆ ୨ଟା, ବଡ଼ସାହି ୩ ଟା ଓ ବାଙ୍ଗିରିପୋଷି ୩ ଟା। ଗୀତ ସବୁ ମୁଁ ଗାଇଛି ଓ ବାଲେଶ୍ୱରର ମାଣିଖମ୍ବଠାରେ ପରଦା ପଛର ନାୟକ ଷ୍ଟୁଡିଓ ରେକର୍ଡିଷ୍ଟ ପ୍ରିଯତ ଦେ( ଶାନ୍) ମୋତେ ସହଯୋଗ କରିଛନ୍ତି। ଗୀତ ଗୁଡ଼ିକ ଆମକୁ ବଡ଼ସାହି ବ୍ଲକ ବିଜୁ ଜନତା ଦଳ ପ୍ରାର୍ଥୀ ଲେଖିବା ପାଇଁ ଉତ୍ସାହିତ କରିଥିଲେ। ଗୀତ ଗୁଡ଼ିକ ବହୁଳ ଭାବରେ ପ୍ରଚାର ଓ ପ୍ରସାର ବେଳେ ଲୋକାଦୃତ ହୋଇଛି। ଆଗକୁ ବାଲେଶ୍ୱର ନିର୍ବାଚନୀ ପ୍ରଚାର ଗୀତ ସବୁ ଭୁବନେଶ୍ୱର ପରିବର୍ତ୍ତେ ଅଧିକରୁ ଅଧିକ ବାଲେଶ୍ୱରରେ ରେକର୍ଡ କରିବାକୁ ବିଜୁ ଜନତା ଦଳ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ଗୀତ ସବୁ ଭିଜୁଆଲ ରେକର୍ଡସ୍ ଷ୍ଟୁଡିଓରେ ରେକର୍ଡ ହୋଇଛି। ସବୁ ଓଡ଼ିଆ ଟ୍ରାକ୍ ରେ ଗୀତ ପ୍ରସ୍ତୁତ ହୋଇଛି। ଆମେ ସର୍ବ ପ୍ରଥମେ ଅନୁସୂୟା ପାତ୍ରଙ୍କୁ ଧନ୍ୟବାଦ ଦେବୁ ଓ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେବୁ ଆମ ଉପରେ ଭରସା ଦେଖାଇବା ପାଇଁ। ନିଶ୍ଚୟ ଯୁବ ପିଢ଼ିଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରୁଛି ଏବଂ ରୋଜଗାର ର ପନ୍ଥା ଦେଖାଉଛି। ଆଗ ଅପେକ୍ଷା ନିର୍ବାଚନୀ ଗୀତର ମାନ ବଢ଼ିଛି ଓ ଚାହିଦା ମଧ ବଢ଼ିଛି।ଆମେ ବାଲେଶ୍?ରର କିଛି ନୂଆ କଣ୍ଠଶିଳ୍ପୀ ମାନଙ୍କୁ ସୁଯୋଗ ଦେଇଛୁ ଆଉ ଆଗକୁ ଏହା ବୃଦ୍ଧି ହୋଇ ଚାଲିବ ବୋଲି ଆଶା କରୁଛୁ ବୋଲି ଷ୍ଟୁଡିଓ ମାଲିକ କହିଛନ୍ତି। ତେବେ ନୂଆ କଣ୍ଠଶିଳ୍ପୀଙ୍କୁ ସୁଯୋଗ ଦେବା ନେଇ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଓ ଦଳୀୟ କର୍ମୀ ସହଯୋଗର ହାତ ବଢ଼ାଇଥିଲେ।

